ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.103 Bhubaneswar Thursday, June 03, 2021 ୨୪ତମ ବର୍ଷ ସଂଖ୍ୟା-୧୦୩ ଭୁବନେଶ୍ୱର, ଗୁରୁବାର, ଜୁନ୍ ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ ଗୃହ ଓ ନଗର ବ୍ୟାପାର, ବେସାମରିକ ବିମାନ ଚଳାଚଳ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ହାର୍ଦ୍ଦିକ ସିଂ ପୁରୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି

## ଟିକା ସଂକଟ ନେଇ ସବୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨।୬(ପି.ଏନ): କରୋନା ଟିକାକରଣ ନେଇ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଟିକା ସଂକଟ ଦୂର କରିବା ନେଇ ସମସ୍ତଙ୍କ ସହମତି ଲୋଡ଼ି ଚିଠି ଲେଖିଛନ୍ତି ନବୀନ। ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ଟିକା ଘୋଷଣା ପରେ ଦେଶରେ ଦେଖାଦେଇଥିବା ଚାହିଦା ମେଂଟାଇବାକୁ କେନ୍ଦ୍ର ସରକାରଙ୍କୁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ଚିଠି ଲେଖି ଅନ୍ୟରାଜ୍ୟମାନଙ୍କୁ ଅବଗତ କରାଇଛନ୍ତି। ପ୍ରସ୍ତାବ ଉପରେ ଅନ୍ୟ ରାଜ୍ୟମାନେ ମଧ୍ୟ ଆଲୋଚନା କରି ଏକ ଚୂଡ଼ାନ୍ତ ନିଷ୍ପତି ନେବାକୁ ପରାମର୍ଶ ଦେଇଛନ୍ତି ।କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବରେ ଗ୍ଲୋବାଲ ମାର୍କେଟରୁ ଟିକା କଣି ରାଜ୍ୟମାନଙ୍କୁ ଯୋଗାଇଦେବା ସମ୍ପର୍କରେ ଉଲ୍ଲେଖ ରହିଛି। ଏଥିସହିତ ଟିକାକରଣ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟମାନଙ୍କୁ ଟିକାକରଣ ନେଇ ଅନୁମତି ଦେବାକୁ ମଧ୍ୟ ପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟର ବହୁସ୍ଥାନରେ ସ୍ଥାନରେ ଇଂଟରନେଟର ସୁବିଧା ନଥିବାରୁ ଏବଂ ଅଧିବାସୀ ଅଧ୍ୟୁଷିତ ଅଂଚଳରେ ଟିକାକରଣ ନେଇ ପଞ୍ଜୀକରଣ କରିବାରେ ଅସୁବିଧା ହେଉଛି। ଏଣୁ ଏଭଳି ସ୍ଥିତିରେ ରାଜ୍ୟକୁ ଟିକାକରଣ ନେଇ ନିଜସ୍ୱ ମେକାନିଜମ୍ ଜରିଆରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ କ୍ଷମତା ଦେବା ପାଇଁ ଉଲ୍ଲେଖ ରହିଛି ।ଟିକା ପାଇଁ ରାଜନୈତିକ ହେଉ ବା ଅନ୍ୟ କୌଣସି ପ୍ରକାରର ମତଭେଦକୁ ଭୁଲି ଏହି ମାମଲାରେ ସହମତି ତିଆରି କରି ଲୋକ ମାନଙ୍କ ଜୀବନ ରକ୍ଷା ପାଇଁ କୋ-ଅପରେଟିଭ ଫେଡେରାଲିଜମର ଭାବନାକୁ ନେଇ କାମ କରିବାକୁ ପଡିବ ବୋଲି ସେ ପତ୍ରରେ ଲେଖିଛନ୍ତି । ଆମ ଲୋକଙ୍କୁ ସୁରକ୍ଷା ଦେବାର ଏକମାତ୍ର ମାଧ୍ୟମ ହେଉଛି ଟିକା। ଯୁଦ୍ଧକାଳୀନ ଭିତିରେ ଟିକାକରଣ ନକଲେ କୌଣସି ରାଜ୍ୟ ସୁରକ୍ଷିତ ନୁହେଁ। କେନ୍ଦ୍ର ନିୟମ କୋହଳ କଲା ପରେ କିଛି ରାଜ୍ୟ ଟେଣ୍ଡର ଡାକିଛନ୍ତି। କିନ୍ତୁ ଟିକା କଂପାନୀମାନେ କେନ୍ଦ୍ର ସରକାରଙ୍କ ଠାରୁ କ୍ଲିୟରାନ୍ସ ଚାହୁଁଛନ୍ତି। ସେମାନେ ସିଧାସଳଖ ରାଜ୍ୟ ସରକାରଙ୍କ ସହ ଚୁକ୍ତି ଚାହୁଁ ନାହାନ୍ତି। ଏଭଳି ସ୍ଥିତିରେ ଏକମାତ୍ର ବିକଳ୍ପ କେନ୍ଦ୍ର ଟିକା ଆଣି ରାଜ୍ୟକୁ ବାଂଟୁ। ସମସ୍ତଙ୍କୁ ଟିକାକରଣ ପାଇଁ ନିୟମରେ କୋହଳ ପାଇଁ ରାଜ୍ୟକୁ ଅନୁମତି ମିଳୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଉଲ୍ଲେଖ୍ୟଯୋଗ୍ୟ କରୋନା ଟିକା ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଟେଣ୍ଡରରେ ଦେଶର ଦୁଇ ପ୍ରମୁଖ ଟିକା ଉତ୍ପାଦନକାରୀ କମ୍ପାନୀ ଶିରମ ଇନଷ୍ଟିଚ୍ୟୁଟ(କୋଭିଶିଲଡ) ଓ ଭାରତ ବାୟୋଟେକ(କୋଭାକ୍ସିନ)ରେ ସାମିଲ ହୋଇନାହାନ୍ତି। ବିଦେଶୀ ଟିକା କମ୍ପାନୀ ଫାଇଜର ଓ ମଡେର୍ଣ୍ଣା ମଧ୍ୟ ଟିକା ଯୋଗାଇବା ପାଇଁ ରାଜ୍ୟ ନୁହେଁ ବରଂ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିବଦ୍ଧ ହେବାକୁ ଚାହୁଁଛନ୍ତି।

## ପ୍ରାଚୀନ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ୍ ଘୋଷଣା

ଭୁବନେଶ୍ୱର, ୨।୬(ପି.ଏନ): ଓଡ଼ିଶାରେ ପ୍ରାଚୀନ ଜନଜାତିମାନଙ୍କର ବସତି ଅଂଚଳରେ କୋଭିଡ୍ ସଂକ୍ରମଣ ଲାଗି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପିଭିଟିଜିମାନଙ୍କ ପାଇଁ ସ୍ପେସାଲ ପ୍ୟାକେଜ୍ ଘୋଷଣା କରାଯାଇଛି । ବିଭାଗ ପକ୍ଷରୁ ସମସ୍ତ ପ୍ରାଚୀନ ଜନଜାତି ଗୋଷ୍ଠୀର ବ୍ୟକ୍ତିଙ୍କୁ ମାଗଣାରେ ମାସ୍କ ଓ ସାନିଟାଇଜର ବଂଟନ ସହ କୋଭିଡ୍ ଆକ୍ରାନ୍ତ ସମସ୍ତ ପରିବାରକୁ ୨ ହଜାର ୫୦୦ ଟଙ୍କା ମୂଲ୍ୟର ଶୁଖିଲା ରାସନ୍ କିଟ୍ ଯୋଗାଣ, କୋଭିଡ୍ ଆକ୍ରାନ୍ତ ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କୁ ଆନୁଷ୍ଠାନିକ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ପ୍ରତିଦିନ ୧୦୦ ଟଙ୍କା ସହିତ ୧୪୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ, ପ୍ରାଚୀନ ଜନଜାତି ଗୋଷ୍ଠୀ ପରିବାରର ଘରକୁ ଘର ଯାଇ ସର୍ଭେ ଓ ସ୍କ୍ରିନିଂ କରାଯାଇ କୋଭିଡ୍ ଲକ୍ଷଣ ନିରୁପଣ କରାଯିବାକୁ ଘୋଷଣା କରାଯାଇଛି। ଏହାସହ ପ୍ରାଚୀନ ଜନଜାତି ଗ୍ରାମାଂଚଳରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ପରସନ୍ ଙ୍କୁ ୪ ମାସ ପାଇଁ ମାସିକ ୧ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ, ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ଅଧୀନରେ କାର୍ଯ୍ୟରତ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ କିଟ୍ ସହ ଜୀବନବୀମାର ପରିସରଭୁକ୍ତ କରାଯାଇଛି ।ଗ୍ରାମ ସ୍ତରରେ ସଙ୍ଗରୋଧ କେନ୍ଦ୍ର ମାଇକ୍ରୋ ଏଜେନ୍ସି ଓ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା ସହିତ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ନିମନ୍ତେ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ପ୍ରାଚୀନ ଜନଜାତିମାନେ ବାସ କରୁଥିବା ସମସ୍ତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରାଚୀନ ଜନ ଜାତି ଗୋଷ୍ଠୀର ବ୍ୟକ୍ତିମାନ ଙ୍କୁ କୋଭିଡ୍ ସଚେତନତା ନିମନ୍ତେ ସ୍ଥାନୀୟ ଭାଷାରେ ମାଇକ ରେ ପ୍ରଚାର ସହିତ ପୋଷ୍ଟର ଓ ବ୍ୟାନର ଯୋଗେ ସଚେତନ କରାଯାଉଛି। ମୋବାଇଲ ଫୋନ୍ ରେ ମଧ୍ୟ ସଚେତନତା ବାର୍ତା ପ୍ରେରଣ କରାଯାଉଛି । ଆଶା, ଅଙ୍ଗନବାଡ଼ି ଓ ଏଏନ୍ଏମ୍ କର୍ମୀମାନେ ସି.ଆର.ପିଙ୍କ ସହିତ ଥର୍ମାଲ ସ୍କ୍ରିନିଂ ଓ ଅକ୍ସିମିଟର ଯୋଗେ ପ୍ରାଚୀନ ଜନଜାତିମାନଙ୍କ କୋଭିଡ୍ ପରୀକ୍ଷା କରୁଛନ୍ତି । ଏକାଥରକେ ଅଧିକ ବ୍ୟକ୍ତିଙ୍କୁ ପରୀକ୍ଷା କରିବା ନିମନ୍ତେ ବ୍ଲକ୍ ସ୍ତରରେ ରାପିଡ୍ ରେସ୍ପନ୍ସ ଟିମ୍ କାର୍ଯ୍ୟ କରୁଛନ୍ତି ଓ ଆବଶ୍ୟକତା ଅନୁସାରେ କୋଭିଡ୍ ଆକ୍ରାନ୍ତଙ୍କୁ ଆଇସୋଲେସନ୍/ କ୍ୱାରାଂଟାଇନ୍ ସେଂଟର/ କୋଭିଡ୍ କେୟାର ହସ୍ପିଟାଲ୍ ପଠାଯାଉଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାର ୫୪୧ଟି ଗ୍ରାମରେ ୨୭,୩୦୮ଟି ପିଭିଟିଜି ପରିବାର ରହିଛି। ୧୭ଟି ପୁରୁଣା ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ଅଂଚଳରେ ୧ ଲକ୍ଷ ୩୪ ହଜାର ଲୋକ ରହିଛନ୍ତି। ନୂତନ ଭାବେ ଚିହ୍ନଟ ହୋଇଥିବା ୧୧୩୮ଟି ପିଭିଟିଜି ଗ୍ରାମରେ ୩୬,୯୦୬ ପରିବାର ରହିଛି। ଆଉ ୧ ଲକ୍ଷ ୬୦ ହଜାର ୪୦୧ ପ୍ରାଚୀନ ଜନଜାତି ଗୋଷ୍ଠୀର ବ୍ୟକ୍ତି ରହିଛନ୍ତି। କେଉଁଝର, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାରେ ମାଇକ୍ରୋ ପ୍ରୋଜେକଫ ଏଜେନ୍ସି ମଧ୍ୟ ପ୍ରତିଷ୍ଠା କରାଯାଇଛି। ପ୍ରାଚୀନ ଜନଜାତିମାନଙ୍କୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଦେବା ନିମନ୍ତେ ବିଭାଗ ପକ୍ଷରୁ ନିଆଯାଇଥିବା ଜରୁରୀକାଳୀନ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ରାଜ୍ୟସ୍ତରରେ ଗଠିତ ମନିଟରିଂ କମିଟି ପ୍ରତ୍ୟହ ମନିଟର କରୁଛନ୍ତି।

## ଆସନ୍ତାକାଲି ଭଉଁରୀ, ତିନି ରଥର ଚକ ଡ଼େରା ଅନୁକୂଳ

ପୁରୀ, ୨।୬(ପି.ଏନ): ଶ୍ରୀମନ୍ଦିର ସମ୍ମୁଖ ରଥ ଖଳାରେ ଜୋରସୋରରେ ଆଗେଇ ଚାଲିଛି ତିନି ରଥର ନିର୍ମାଣ କାର୍ଯ୍ୟ । ତିନି ରଥରେ ଲାଗିବାକୁ ଥିବା ମୋଟ୍ ୪୨ ଟି ଚକ ମଧ୍ୟରୁ ୧୮ଟି ଚକର ନିର୍ମାଣ କାର୍ଯ୍ୟ ସରିଲାଣି । ଆସନ୍ତା କାଲି ଭଉଁରୀରେ ତିନି ରଥର ଚକ ଡ଼େରା ନୀତି ସମ୍ପନ୍ନ ହେବ । ଭଉଁରୀ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୁରୀ ଏସପି କନୱର ବିଶାଲ ସିଂହ ଏନେଇ ସୂଚନା ଦେଇ କହିଛନ୍ତି ଯେ, କୋଭିଡ୍ ମୁକାବିଲା କ୍ଷେତ୍ରରେ ପୂର୍ବରୁ ଜନସାଧାରଣ ଯେଭଳି ଭାବେ ପ୍ରଶାସନର ପ୍ରତ୍ୟେକ ନିଷ୍ପତିକୁ ମାନି ନେଇ ସହଯୋଗ କରି ଆସୁଛନ୍ତି, ଆଗକୁ ମଧ୍ୟ ସମସ୍ତଙ୍କର ସହଯୋଗ ରହିବ । ସେହିପରି ଦେବସ୍ନାନ ପୂର୍ଣ୍ଣିମା ପାଇଁ ମଧ୍ୟ ଗତକାଲି ସଂନ୍ଧ୍ୟାରେ ପ୍ରଥମ ପୋଲିସ ସ୍ତରିୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପୋଲିସ ଅଧିକାରୀମାନେ କିଏ କେଉଁ ଦାୟୀତ୍ୱ ନେବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା । ଆସନ୍ତାକାଲି ଭଉଁରୀ ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ କହିଛନ୍ତି ।

## କରୋନାରେ ଆକ୍ରାନ୍ତ ମାଓନେତା ଗିରଫ

ମାଲକାନଗିରି, ୨।୬(ପି.ଏନ): ବର୍ତମାନ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନା ରାଜ୍ୟରେ ମାଓବାଦୀ ମାନେ ଏବେ କରୋନା ରେ ଆକ୍ରାନ୍ତ ହୋଇ ଚିକିତ୍ସା ସୁବିଧା ନପାଇଁ ମୃତ୍ୟୁ ବରଣ କରୁଥିବା ଜଣାପଡିଛି।ଗତ କିଛିଦିନ ତଳେ ଛତିଶଗଡ ରାଜ୍ୟ ପୋଲିସ ପକ୍ଷରୁ ମାଓବାଦୀ ଆସି ଆତ୍ମସମର୍ପଣ କଲେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ଘୋଷଣା କରିବା ପରେ କରୋନାରେ ସଂକ୍ରମିତ ହୋଇଥିବା ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସେହିପରି ତେଲେଙ୍ଗାନା ରାଜ୍ୟରେ କରୋନା ସଂକ୍ରମିତ ଜଣେ ମାଓବାଦୀ ଙ୍କୁ ଚିକିତ୍ସା ପାଇଁ ଆଣିଥିବାବେଳେ ତାର ମୃତ୍ୟୁ ହୋଇଥିଲା ତାକୁ ଆଣିଥିବା ୩ଜଣ ମାଓବାଦୀ ଙ୍କୁ କୋତାଗୁଡେମ୍ ପୋଲିସ ସନ୍ଦିଗ୍ଧ ଅବସ୍ଥାରେ ଗିରଫ କରିଥିଲା ।

## ଗୋଟିଏ ଦିନରେ ୮୩୯୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୩୯୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୮୨୧୩୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୬୯୨୦୨୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୮୭୨୨୦ ରହିଛି । ଆଜି ଚିହ୍ନଟ ହୋଇଥିବା ୮୩୯୯ ଜଣଙ୍କ ମଧ୍ୟରୁ ୪୭୪୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୫୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୨୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୬୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୪୦ ଜଣ, ବରଗଡ଼ରୁ ୧୮୯ ଜଣ, ଭଦ୍ରକରୁ ୧୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୬୬ , କଟକରୁ ୬୬୬ ଜଣ, ଦେବଗଡ ଜିଲ୍ଲାରୁ ୮୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୫୧ ଜଣ, ଗଜପତି ଜିଲ୍ଲାରୁ ୮୦ , ଗଞ୍ଜାମରୁ ୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୬୯ ଜଣ, ଯାଜପୁରରୁ ୫୧୪ ଜଣ, ଝାରସୁଗୁଡ଼ାରୁ ୫୩ ଜଣ, କଳାହାଣ୍ଡିରୁ ୧୯୦ ଜଣ, କନ୍ଧମାଳ ଜିଲ୍ଲାରୁ ୯୫ ଜଣ. କେନ୍ଦ୍ରାପଡ଼ାରୁ ୨୧୯ ଜଣ, କେନ୍ଦୁଝରରୁ ୧୮୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୧୦୨ ଜଣ, କୋରାପୁଟରୁ ୧୭୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୮୫ ଜଣ, ନବରଙ୍ଗପୁରରୁ ୨୦୦ ଜଣ, ନୟାଗଡ଼ରୁ ୨୨୩ ଜଣ, ନୂଆପଡ଼ାରୁ ୩୪ ଜଣ, ପୁରୀରୁ ୪୭୫ ଜଣ, ରାୟଗଡ଼ାରୁ ୨୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୯୧ ଜଣ, ସୋନପୁରରୁ ୧୪୩ ଜଣ, ସୁନ୍ଦରଗଡ଼ରୁ ୪୭୭ ଜଣ ଓ ଷ୍ଟେଟ୍ ପୁଲରୁ ୧୮୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପରଲୋକ



ଭୁବନେଶ୍ୱର, ୨।୬(ପି.ଏନ): ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ,ରାଜ୍ୟର ସମସ୍ତ ମନ୍ତ୍ରୀ , ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି , ପିସିସି ସଭାପତି ନିରଂଜନ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ବିଜୟଶ୍ରୀ ରାଉତରାୟ ମାସେ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ସେ କୋଭିଡ଼ରୁ ଆରୋଗ୍ୟ ହୋଇଥିଲେ ମଧ୍ୟ ଏହାର ପରବର୍ତୀ ଜଟିଳତା ଯୋଗୁଁ ଚିକିତ୍ସାଧୀନ ଥିଲେ। ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲାର ବାସୁଦେବପୁରରୁ ୬ ଥର ବିଧାୟକଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତ ରାଉତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟରେ ସ୍ୱାସ୍ଥ୍ୟ, ରାଜସ୍ୱ, ଜଙ୍ଗଲ ଓ ପରିବେଶ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପୁତ୍ର ।ସେ ଜନତା ଦଳ ଟିକେଟରୁ ଦୁଇଥର ଓ ବିଜୁ ଜନତା ଦଳ ଟିକେଟରୁ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଉଭୟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ବର୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ଥିବା ଶ୍ରୀ ରାଉତରାୟ ବିଜେଡ଼ିର କେତେକ ଜଣ ପ୍ରତିଷ୍ଠାତା ସଦସ୍ୟଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।

## ୩ ଦିନ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୬(ପି.ଏନ): ଆସନ୍ତା ୩ ଦିନ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ଘଂଟା ମଧ୍ୟରେ ରାଜ୍ୟର କନ୍ଧମାଳ, ଗଞ୍ଜାମ, ଗଜପତି ଓ ବୌଦ୍ଧରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବରଗଡ଼,ସମ୍ବଲପୁର ଓ ଅନୁଗୁଳର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି।

## ପୁଣି ଧସିଲା ନବନିର୍ମିତ ଗେଙ୍ଗୁଟି ନଦୀବନ୍ଧ

ଭଦ୍ରକ, ୨।୬(ପି.ଏନ): ତିନିବର୍ଷ ଧରି କାମ ଚାଲିଛି। ତାରି ଭିତରେ ୪ ରୁ ୫ ଥର ଧସିଲାଣି। କାମ ସରିବାର ଅବଧି ବି ସରିଯାଇଛି। ହେଲେ ନିର୍ମାଣ ସରିନି। ଏମିତି ଅବସ୍ଥାରେ ଚାଲିଛି ଧାମନଗର ଜଳସଂପଦ ବିଭାଗ ଅଧୀନରେ ଗେଙ୍ଗୁଟି ନଦୀବନ୍ଧର ପୁନରୁଦ୍ଧାର ଓ ନଦୀକୂଳ ସୁରକ୍ଷା। ସାମୁଦ୍ରିକ ଝଡ ୟାସ୍ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁଁ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିରେ ବନ୍ୟା ଆସିବାରୁ ଦଳାଙ୍ଗ ପଂଚାୟତର କଂଟଦାରେ ବନ୍ଧ ପୁଣି ଧସିଯାଇଛି। ଗେଙ୍ଗୁଟି ନଦୀର ବାମପାର୍ଶ୍ୱରେ ରାମେଶ୍ୱରପୁର ମହାନ୍ତିସାହି ପାଖରେ ନଦୀବନ୍ଧରେ ୧୦୦ ଫୁଟ୍ ଲମ୍ବର ଫାଟ ସୃଷ୍ଟି ହେବା ସହ କିଛି ଅଂଶ ନଦୀ ପଟକୁ ଦବିଯାଇଛି। ସେହିପରି ନଦୀ ଆରପଟେ ଗେଙ୍ଗୁଟିର ଡାହାଣପଟ ମଳିକସାହି ପାଖରେ ୧୦୦ ରୁ ୧୫୦ ଫୁଟ୍ ଲମ୍ବରେ ନଦୀବନ୍ଧ ୪ ରୁ ୫ ଫୁଟ୍ ଦବିଯାଇଛି। ଏହାସହ ନୂଆକରି ହୋଇଥିବା ପଥର ସ୍ତର ଖସିଯାଇଛି। ଠିକ୍ ସେମିତି ପଧାନି ପଂଚାୟତର କଦା ପାଖରେ ନବନିର୍ମିତ ନଦୀବନ୍ଧ ୫୦ ରୁ ୬୦ ଫୁଟ୍ ଧୋଇଯାଇ ନଦୀରେ ମିଶିଯାଇଛି। ନାବାର୍ଡର ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ଅନୁଦାନରେ ଧାମନଗର ଜଳସଂପଦ ବିଭାଗ ଅଧୀନରେ ୨ଟି ବଡ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ସେହି ପ୍ରକଳ୍ପ ମଧ୍ୟରୁ ପ୍ରଥମଟି ୭ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୁସ୍ତଫାପୁର ପଂଚାୟତ ଗୋବିନ୍ଦାଗଡିଆ ଠାରୁ ଦଳାଙ୍ଗ ପଂଚାୟତର ରାମେଶ୍ୱରପୁର ଯାଏ ଗେଙ୍ଗୁଟି ବାମପଟ ବନ୍ଧର ସୁଦୃଢୀକରଣ, ଦ୍ୱିତୀୟଟି ୯ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୋବଲ ପଞ୍ଚାୟତର ନନ୍ଦିପୁର ଠାରୁ ଦଳାଙ୍ଗ ପଞ୍ଚାୟତର କଦୋଳ ପର୍ଯ୍ୟନ୍ତ ଗେଙ୍ଗୁଟି ଦକ୍ଷିଣପଟ ବନ୍ଧର ସୁଦୃଢୀକରଣ। ୨୦୧୮ ମସିହାରୁ ଏ ଦୁଇଟି ଯାକ ପ୍ରକଳ୍ପ ନିର୍ମାଣ ଚାଲିଛି। ବନ୍ଧର ଉପର ଭାଗ ଚଉଡା ସାଙ୍ଗକୁ ନଦୀପଠା ସୁରକ୍ଷା ଲାଗି ସ୍ଥାନେ ସ୍ଥାନେ ପଥର ପିଚିଂ କରାଯାଉଛି। ନିର୍ମାଣ ଶେଷ ଅବଧି ସରିଥିଲେ ବି ଆଜିପର୍ଯ୍ୟନ୍ତ ବନ୍ଧ ତିଆରି କାମ ସରିନାହିଁ। ତେବେ ଜଳସଂପଦ ବିଭାଗର ପ୍ଲାନ୍ ଆଣ୍ଡ ଏଷ୍ଟିମେଟ୍‌କୁ ଆଡେଇ ଦେଇ ଠିକାଦାର ସ୍ଥାନୀୟ ଯନ୍ତ୍ରୀଙ୍କୁ ହାତକରି ମନଇଚ୍ଛା ନିର୍ମାଣ କରୁଥିବାରୁ ଅସରାଏ ବର୍ଷା ହେଲେ ଏହି ଜାଗାରେ ବନ୍ଧ ଭୁଶୁଡି ପଡୁଛି। ୨୦୧୯ ରେ ରାମେଶ୍ୱରପୁର ମହାନ୍ତିସାହି ଓ ମଳିକ ସାହିରେ ବନ୍ଧ ଭୁଶୁଡି ପଡିଥିଲା। ଗତବର୍ଷ ଅଗଷ୍ଟ ମାସରେ ଆସିଥିବା ବନ୍ୟାରେ ମଧ୍ୟରେ ବନ୍ଧ ଭୁଶୁଡିଥିଲା ଏହି ୨ଟି ସ୍ଥାନରେ। ତେବେ ଏ ସଂପର୍କରେ ସମାଜରେ ଗତ ଜାନୁଆରୀ ମାସରେ ରିପୋର୍ଟ ପ୍ରକାଶ ପାଇବା ପରେ ଠିକାଦାର ତତ୍ପରତା ପ୍ରକାଶ କରି ବନ୍ଧ ମରାମତି କରିଥିଲେ। ଏବେ ପୁଣି ୨ ଜାଗା ଓ ନବନିର୍ମିତ କଦା ବନ୍ଧ ଭୁଶୁଡି ପଡିଛି। ଏ ସଂପର୍କରେ ଧାମନଗର ଜଳସଂପଦ ଅଧିକାରୀ କିଶୋର ଦାସଙ୍କୁ ପଚାରିବାରୁ ସେ ପୁରୁଣା ଢଙ୍ଗରେ ଉତ୍ତର ଦେଲେ। କହିଲେ, ବନ୍ଧ ନିର୍ମାଣ କାମ ସରିନାହିଁ। ଯେହେତୁ କାମ ଚାଲିଛି, ଠିକାଦାରଙ୍କୁ କୁହାଯିବ ସେ ମରାମତି କରିଦେବେ। ଏଠି ପ୍ରଶ୍ନ ଉଠୁଛି କାମ କରିବା ଦିନରୁ ସାମାନ୍ୟ ବର୍ଷା ହେଲେ ବାରମ୍ବାର ବନ୍ଧ ଧସୁଛି। କୌଣସି ଅଭିଜ୍ଞତା ନଥିବା ଠିକା ସଂସ୍ଥା ହାତକୁ କାମ ଟେକିଦିଆଯାଇଛି। କଣ ପାଇଁ ବିଭାଗୀୟ ଅଧିକାରୀ ଚୁପ୍ ବସିଛନ୍ତି। ଯାହାଫଳରେ କି ନଦୀରେ ସାମାନ୍ୟ ପାଣି ଆସିଲେ ଆତଙ୍କରେ ରହୁଛନ୍ତି ଅଂଚଳବାସୀ। ହେଲେ ଠିକାଦାରଙ୍କ ଉପରେ ବିଭାଗ ଦ୍ୱାରା କୌଣସି ପଦକ୍ଷେପ ନିଆଯାଉନାହିଁ। କାରଣ କ'ଣ। କଣ ପାଇଁ ଏତେ ନରମ ପନ୍ଥା ଆପଣାଉଛି ଧାମନଗର ଜଳସେଚନ ବିଭାଗ। ବିଭିନ୍ନ ମହଲରୁ ଉକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯିବା ପାଇଁ ଦାବି ହେଉଛି।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।



## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ ।



୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଥତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଜୁନ୍ ୦୩**

# ଲକଡାଉନ ଅବଧି ବୃଦ୍ଧି ଯଥାର୍ଥ

ରାଜ୍ୟରେ ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଶୃଙ୍ଖଳାକୁ ଭାଙ୍ଗିବା ପାଇଁ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୨୯ ଦିନିଆ ଲକ୍‌ଡାଉନ(ତାଲାବନ୍ଦ) ଘୋଷଣା କରିବା ପରେ ଏବେ ତୃତୀୟ ପର୍ଯ୍ୟାୟରେ ୧୬ ଦିନିଆ ଲକଡାଉନ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଘୋଷଣା କରିଛନ୍ତି । ଯାହାକି ସାଂପ୍ରତିକ ସମୟରେ ଏକ ଯଥାର୍ଥ ଏବଂ ସମୟ ଉପଯୁକ୍ତ ପଦକ୍ଷେପ ବୋଲି କୁହାଯାଇପାରିବ । କହିବା ବାହୁଲ୍ୟ ଯେ, ରାଜ୍ୟରେ ମହାମାରୀର ଦୈନନ୍ଦିନ ସଂକ୍ରମଣ ଓ ମୃତକଙ୍କ ସଂଖ୍ୟା ଦିନକୁ ଦିନ ରେକର୍ଡ ଭାଙ୍ଗୁଥିବାବେଳେ ଶେଷରେ ଗତ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୧୪ ଦିନ ପାଇଁ ଲକଡାଉନ ଘୋଷଣା କରିଥିଲେ । ଲକଡାଉନରୁ ଅତ୍ୟାବଶ୍ୟକୀୟ ସଂସ୍ଥାକୁ ବାଦ୍, ଖାଉଟି ସାମଗ୍ରୀ ଦୋକାନ ଏବଂ ଜୀବନ-ଜୀବିକା ସହ ଜଡିତ ନିର୍ମାଣ ସଂସ୍ଥାକୁ ବାଦ୍ ଦିଆଯାଇଥିଲା । ଆମେ ଉଲ୍ଲେଖ କରିବାକୁ ଚାହୁଁ ଯେ, ଗତ ବର୍ଷର ୬୮ ଦିନିଆ ଲକଡାଉନ୍ ପରି ବର୍ତ୍ତମାନର ଲକଡାଉନ ସ୍ଥିତି ନୁହେଁ । ୧୪ ଦିନିଆ ଲକଡାଉନ ସତ୍ତ୍ୱେ ସଂକ୍ରମଣ ବଢ଼ି ଚାଲିବାରୁ ରାଜ୍ୟ ସରକାର ପୁଣି ଜୁନ ପହିଲା ସକାଳ ୫ଟା ଯାଏ ତାଲାବନ୍ଦ ଜାରି କରିବା ସହ ଦୋକାନା ଖୋଲିବା ସମୟ ଅବଧି ୨ଘଂଟା କମାଇ ଦେଇଥିଲେ । ଗତ ୨୨ ତାରିଖ ଦୈନିକ ସଂକ୍ରମଣ ୧୩ ହଜାର ମୁହାଁ ହେବା ପରେ ଏବେ ହ୍ରାସ ପାଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମେ' ୫ ତାରିଖ ଦିନ ପ୍ରଥମ ତାଲାବନ୍ଦ ଘୋଷଣା ବେଳେ ରାଜ୍ୟରେ ସଂକ୍ରମଣ ହାର ୨୫ ପ୍ରତିଶତ ଥିଲା । ଦୁଇଟି ପର୍ଯ୍ୟାୟ ଦୀର୍ଘ ୨୯ ଦିନିଆ ଲକଡାଉନ ପରେ ସଂକ୍ରମଣ ହାର ବା ପଜିଟିଭିଟି ୧୪ ପ୍ରତିଶତକୁ ହ୍ରାସ ପାଇଛି । କେବଳ ଏତିକି ନୁହେଁ, କିଛି ଦିନ ପୂର୍ବରୁ ସଂକ୍ରମଣର ଲାଲବଳୟରେ ଥିବା ୫ଟି ଜିଲ୍ଲାର ପଜିଟିଭିଟି ହାର ୫ ପ୍ରତିଶତକୁ ହ୍ରାସ ପାଇଛି । ସୁଖର କଥା ଏକଦା ଦୈନନ୍ଦିନ ସଂକ୍ରମଣର ନିଦ ହଜାଇ ଦେଇଥିବା, ଆତଙ୍କର କାରଣ ହୋଇଥିବା ସୁନ୍ଦରଗଡ ଓ ନୂଆପଡା ଜିଲ୍ଲାରେ ସଂକ୍ରମଣ ହାର ୫ ପ୍ରତିଶତକୁ ହ୍ରାସ ପାଇବା ପରେ ସେଠାରେ ଲକଡାଉନ କଟକଣାକୁ କୋହଳ କରାଯାଇଛି । ଏଥିରେ ଗଜପତି ଜିଲ୍ଲା ମଧ୍ୟ ରହିଛି । ଏହା ନିଶ୍ଚିତ ଯେ, ରାଜ୍ୟରେ ଲକ୍‌ଡାଉନ୍ ଜାରି ପରେ ଦୈନିକ ସଂକ୍ରମଣ ହ୍ରାସ ପାଇଛି । କେବଳ ଓଡିଶା ନୁହେଁ ଦେଶରେ ମଧ୍ୟ ଦ୍ୱିତୀୟ ଲହର ସଂକମଣ ହ୍ରାସ ପାଇବାରେ ଲାଗିଛି । ଗତମାସର ମଧ୍ୟ ଭାଗରେ ଦେଶରେ ଦୈନନ୍ଦିନ ସଂକ୍ରମଣ ବିଶ୍ୱ ରେକର୍ଡ ଭଙ୍ଗ କରି ୪ ଲକ୍ଷ ପାର ହୋଇଥିବାବେଳେ ଏବେ ୧ ଲକ୍ଷ ଉପରେ ରହିଛି । ଦେଶର ସର୍ବାଧିକ ପ୍ରଭାବିତ ରାଜ୍ୟ - ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ପଞ୍ଜାବ ଓ ଉତରପ୍ରଦେଶରେ ତାଲାବନ୍ଦ ବଳବତର ରହିଥିବାବେଳେ ସଂକ୍ରମଣ ହାର ଧୀରେ ଧୀରେ ହ୍ରାସପାଇବାରେ ଲାଗିଛି । ଆସନ୍ତା ଜୁନ୍ ସୁଦ୍ଧା ଦେଶରେ ସଂକ୍ରମଣ ନିୟନ୍ତ୍ରଣକୁ ଆସିବାନେଇ ଆଶା କରାଯାଏ । ଏହା ନିଶ୍ଚିତ ଯେ, ଲକଡାଉନ ଭଳି ପଦକ୍ଷେପ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଗତବର୍ଷର କଠୋର ଲକଡାଉନର ପରିଣତି ଏବେ ବି ମନରୁ ଲିଭିନାହିଁ । ଦେଶର ଅର୍ଥନୀତି ବିପର୍ଯ୍ୟାସ୍ତ ହେବା ଠାରୁ ଆରମ୍ଭ କରି ଜୀବନ ଜୀବିକା ମଧ୍ୟ ବ୍ୟାହତ ହୋଇଛି । ବେରୋଜଗାର, ବେକାରୀ ବଢ଼ିଛି । ହଜାର ହଜାର ଉଚ୍ଚଶିକ୍ଷିତ ଯୁବକ-ଯୁବତୀ ଜୀବିକା ହରାଇଛନ୍ତି । ଏକ ଗବେଷଣାତ୍ମକ ରିପୋର୍ଟରୁ ଜଣାଯାଇଛି ଯେ, ଦେଶରେ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ବଢ଼ିଛି । ଦେଶର ୨୩ ପ୍ରତିଶତ ମଧ୍ୟବିତ ପରିବାର ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଛନ୍ତି । ସେହିପରି କେବଳ କୃଷି କ୍ଷେତ୍ରକୁ ଛାଡିଦେଲେ, ଅନ୍ୟ ସମସ୍ତ କ୍ଷେତ୍ରରେ ଅଭିବୃଦ୍ଧି ଆଶାତୀତ ଭାବେ ହ୍ରାସ ପାଇଛି । କିନ୍ତୁ ଏହା ସତ୍ୟ ଜୀବିକା ତୁଳନାରେ ଜୀବନ ବଡ । ଜୀବନ ରକ୍ଷା ହେଲେ ଜୀବିକା କରିହେବ । ମହାମାରୀ କବଳରୁ ଜନସମାଜକୁ ସୁରକ୍ଷିତ ରଖିବା ପାଇଁ ବର୍ତମାନ ସୁଦ୍ଧା କୌଣସି ଟିକା ଓ ଔଷଧ ନାହିଁ । ଯେଉଁ ଟିକା ପ୍ରସ୍ତୁତ ହୋଇଛି, ତାହା କେବଳ ଦେହରେ ରୋଗପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଉଦ୍ଦିଷ୍ଟ । ତେଣୁ ମହାମାରୀର ମୁକାବିଲା ପାଇଁ ତାଲାବନ୍ଦ ହେଉଛି, ଯଥାର୍ଥ 'ପେଟେଂଡ୍ ମେଡିସିନ୍' । ଅର୍ଥାତ୍ ନିଜକୁ ନିଚେ ବଂଚାଇବା ପାଇଁ ଘର ଭିତରେ ଆବଦ୍ଧ ରଖିବା । ବିନା କାରଣରେ ଘରୁ ବାହାରିବା ନାହିଁ । କେବଳ ଏତିକି ନୁହେଁ, ମୁହଁ ନାକ ଘୋଡାଇ ମାସ୍କ(ମୁଖା) ପରିଧାନ କରିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ବାରମ୍ବାର ସାବୁନ ହେଉ ବା ସାନିଟାଇଜରରେ ହେଉ ହାତ ଧୋଇବା । କିନ୍ତୁ ଦୁଃଖର କଥା ଦେଶରେ ୩କୋଟିରୁ ଉର୍ଦ୍ଧ୍ୱ ଲୋକ ମହାମାରୀର ଆକ୍ରାନ୍ତ ହୋଇଥିବାବେଳେ ଏବଂ ଅଢେଇ ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ସମୟରେ, ବହୁ ଶିଶୁ ପିତାମାତାଙ୍କୁ ହରାଇ ଅନାଥ ହୋଇଯାଇଥିବା ବେଳେ ଏବେ ବି ବହୁ ଅମାନିଆ ଅଛନ୍ତି, ଯେଉଁମାନେ ବିନାମାସ୍କରେ ବାହାରେ ଘୁରି ବୁଲୁଛନ୍ତି, ଅଯଥାରେ ଭିଡ ସୃଷ୍ଟି କରୁଛନ୍ତି । କଟକଣା ମାନୁନାହାଁନ୍ତି ସେମାନଙ୍କୁ ଦେଶଦ୍ରୋହୀ, ମାନବ ଦ୍ରୋହୀ କହିଲେ ଭୁଲ ହେବ ନାହିଁ । ଅମାନିଆଙ୍କୁ ଜୋରିମାନା କରାଯାଉଛି, କିନ୍ତୁ ସେମାନ୍‌ଙ୍କ ଉପରେ କିଛି ପ୍ରଭାବ ପଡୁନାହିଁ । ଅମାନିଆଙ୍କ ବିରୁଦ୍ଧରେ ଦେଶଦ୍ରୋହ ମାମଲା ହେଉ, ଯାହାକି ସେମାନଙ୍କୁ ସାବାଡ କରିପାରିବ । ମହାମାରୀ କରୋନା କବଳରୁ ଆମେ କେବଳ ନିଜକୁ ନିଜେ ସୁରକ୍ଷିତ ରଖିପାରିବା । ନିଜ ଜୀବନ ନିଜେ ବଂଚାଇବା । ଆସନ୍ତୁ ଲକ୍‌ଡାଉନ ମାନିବା, ଡବଲ ମାସ୍କ ପିନ୍ଧିବା, ସାମଜିକ ଦୂରତା ବଜାୟ ରଖିବା, ବାରମ୍ବାର ହାତ ଧୋଇବାକୁ ସଂକଳ୍ପ ନେବା ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।**

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଫାଇଲେରିଆ ରୋଗର କାରଣ ଓ ନିରାକରଣ



ଭାଗିରଥୀ ସ୍ୱାଇଁ

ଫାଇଲେରିଆ ଗୋଟିଏ ପରଜୀବୀ ଜନିତ ରୋଗ । ଏହି ରୋଗର ପରଜୀବୀ (ପାରାସାଇଟ୍) ରୋଗୀ ଦେହରୁ ମଶା ଦ୍ୱାରା ସୁସ୍ଥ ଲୋକ ଶରୀରରେ ପ୍ରବେଶ କରି ପ୍ରବାହ କରେ ଓ ରୋଗର ନିଦାନ ସୃଷ୍ଟି କରେ । ଏହି ତଥ୍ୟ ମହାନ୍ ବୈଜ୍ଞାନିକ ତଥା ଡାକ୍ତର 'ମାନ୍‌ସନ୍'ଙ୍କ ଦ୍ୱାରା ୧୮୮୦ ମସିହାରେ ପ୍ରମାଣିତ ହୋଇଥିଲା । ଏହା ପୂର୍ବରୁ ଏହି ରୋଗ ଜଳ ମାଧ୍ୟମରେ ପୋଖରୀରେ ଗାଧୋଇବା ସମୟରେ ସଂକ୍ରମିତ ହୁଏ ବୋଲି କୁହାଯାଉଥିଲା । ଏହାର ଜୀବାଣୁ ସଂକ୍ରମିତ ହେବା ପାଇଁ ମଶାର ଆବଶ୍ୟକତା ରହିଛି । ମଶା ଦେହରେ ପ୍ରବେଶ କରିବାର ୧୨ ଦିନ ପରେ ପରିପକ୍ୱ ହୋଇ ମଶା କାମୁଡ଼ିବା ଦ୍ୱାରା ସୁସ୍ଥ ଲୋକ ଦେହରେ ପ୍ରବେଶ କରେ । ତେଣୁ ମଶାର ପ୍ରାଦୁର୍ଭାବ ଓ ରୋଗ ସଂକ୍ରମଣ ପରସ୍ପର ପରିପୂରକ । ଯେଉଁ ସ୍ଥାନମାନଙ୍କରେ ପରିବେଶ ଅପରିଷ୍କାର, ପାଣି ଜମି ରହେ, ଜଳ ନିଷ୍କାସନର ବ୍ୟବସ୍ଥା ନଥାଏ, ସେହି ଅଞ୍ଚଳରେ ଏହି ରୋଗ ବେଶି ପରମାଣରେ ଦେଖିବାକୁ ମିଳେ । ମଶାମାନେ ୨୫ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ ଉତ୍ତାପରେ ମରିଯାଆନ୍ତି । ତେଣୁ ଖରାଦିନେ ମଶାର ସଂଖ୍ୟା କମିଯାଏ । ଏହି ଫାଇଲେରିଆ ମଶାମାନେ ଦିନରେ ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି । ସନ୍ଧ୍ୟାହେଲେ ବାହାରକୁ ଆସି କାମୁଡ଼ନ୍ତି । ଦିନସାରା ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି । ସନ୍ଧ୍ୟା ହେଲେ ବାହାରକୁ ଆସି କାମୁଡ଼ନ୍ତି । ଦିନସାରା ସେମାନେ ଭୋକିଲା ଥାଆନ୍ତି । ରାତିରେ ଖାଦ୍ୟ ଅନ୍ୱେଷଣରେ ଘୁରିବୁଲନ୍ତି । ସୁଯୋଗ ପାଇଲେ ମଣିଷ ରକ୍ତ ଖାଆନ୍ତି । ଫାଇଲେରିଆ ରୋଗର ଶିଶୁ ପରଜୀବୀମାନଙ୍କୁ ଶରୀର ଭିତରକୁ ଛାଡ଼ି ଦିଅନ୍ତି । ମଣିଷ ଶରୀରରେ ଛଅ ମାସ ରହିବା ପରେ ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି । ମଣିଷ ଶରୀରରେ ଛଅମାସ ରହିବା ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି । ଏହି ବୟସ୍କ ପରଜୀବୀ (ପୁରୁଷ ଓ ସ୍ତ୍ରୀ) ପରସ୍ପରକୁ ଆଲିଙ୍ଗନ କରି ଲସିକା ଗ୍ରନ୍ଥି ଓ ନଳୀ ମଧ୍ୟରେ ୧୦-୧୨ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି । ସେମାନେ ଲକ୍ଷ ଲକ୍ଷ ପରଜୀବୀକୁ ଜନ୍ମ ଦିଅନ୍ତି । ସେହି ଶିଶୁ ପରଜୀବୀମାନେ ୧୨୦ ଦିନ ପର୍ଯ୍ୟନ୍ତ ମଣିଷ ରକ୍ତରେ ରାତିରେ ଘୁରିବୁଲନ୍ତି । ଦିନରେ ଫୁସ୍‌ଫୁସ୍ ଏବଂ ଲସିକା ଗ୍ରନ୍ଥି ମଧ୍ୟରେ ଲୁଚି ରହନ୍ତି । ସନ୍ଧ୍ୟା ସମୟରେ ମଶାମାନେ କାମୁଡ଼ିବା ଦ୍ୱାରା ଏହି ଶିଶୁ ପରଜୀବୀମାନେ ମଶା ଦେହକୁ ପ୍ରବେଶ କରନ୍ତି । ଏହିପରି ତାଙ୍କର ଜୀବନ ଚକ୍ର ସମ୍ପୂର୍ଣ୍ଣ ହୁଏ । ତେଣୁ ଫାଇଲେରିଆ ରୋଗର ସୃଷ୍ଟି ପାଇଁ ମଶାର ଆବଶ୍ୟକତା ଅନିବାର୍ଯ୍ୟ । ଏହି ରୋଗ ବଂଶଗତ ନୁହେଁ ଜିନ୍ ମାଧ୍ୟମରେ ଏହା ପିତାମାତାଙ୍କ ଠାରୁ ପିଲାମାନଙ୍କ ଶରୀରକୁ ଯାଏ ନାହିଁ; କିନ୍ତୁ ଗୋଟିଏ ପରିବାର ଅନେକ ବ୍ୟକ୍ତି ଏହି ରୋଗର ଶିକାର ହୁଅନ୍ତି । ଏହି ମଶାମାନେ ଘର ଅନ୍ଧାରୁଆ ସ୍ଥାନରେ ଲୁଚି ରହନ୍ତି । ଏମାନେ ମାଇ ମଶା । ମଣିଷ ରକ୍ତ ଖାଇ ବଞ୍ଚନ୍ତି । ଜଣକଠାରୁ ଅନ୍ୟ ଜଣକୁ ରୋଗ ସଂକ୍ରମଣ କରନ୍ତି । କେବଳ ଘର ଭିତରେଏମାନେ ରହୁଥିବାରୁ ପରିବାର ମଧ୍ୟରେ ରୋଗ ବିସ୍ତାର କରିବାରେ ସାହାଯ୍ୟ କରେ । ପୁରୁଷ ମଶା ରକ୍ତ ନ ଖାଇଗଛର କଅଁଳିଆ ପତ୍ର ଖାଏ । ସେ ଏହି ରୋଗର ବାହକ ନୁହେଁ । ଫାଇଲେରିଆର ନିଦାନ ବିଷୟରେ ଅନେକ ତଥ୍ୟ ରହିଛି । ଏହାକୁ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାନ ଚିକିତ୍ସକ ଶୁଶ୍ରୁତ ଶ୍ଳୀପଦ ବୋଲି ଆଖ୍ୟା ଦେଇଥିଲେ । କାରଣ ଏହି ରୋଗରେ ପାଦ ଫୁଲି ପଥରପରି ଟାଣ ହୋଇଯାଏ । ବହୁ ପୂର୍ବରୁ ଏହି ବିକୃତ ପାଦ କୁଷ୍ଠ ରୋଗର କାରଣ ବୋଲି କୁହାଯାଉଥିଲା । ସେଥିପାଇଁ ସେହି ରୋଗୀମାନଙ୍କୁ ଗ୍ରୀସ୍ ଦେଶରେ ଗୀର୍ଜା ଭିତରକୁ ପ୍ରବେଶ ମନା ଥିଲା । ଏହି ରୋଗର ଲକ୍ଷଣଗୁଡ଼ିକ ହେଉଛି ହାତ ଓ ପାଦ ଫୁଲିବା, ହାଇଡ୍ରୋସିଲ୍ ବା ଅଣ୍ଡକୋଷ ବୃଦ୍ଧି, ଶୁକ୍ରବାହୀ ନଳୀର ପ୍ରଦାହ ହୋଇ ସଂକୋଚନ ହେବା, ସ୍ତ୍ରୀ ଲୋକମାନଙ୍କର ସ୍ତନବୃଦ୍ଧି, ଧଳା ଓ ରକ୍ତ ପରିସ୍ରା, ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ ଓ ସବୁବେଳେ ଥଣ୍ଡା ଲାଗିରହିବା ଇତ୍ୟାଦି । କେତେକ ରୋଗୀଙ୍କର ଛାତିରେ ଯନ୍ତ୍ରଣା ହୁଏ । ନିଃଶ୍ୱାସ ନେବାରେ କଷ୍ଟ ହୁଏ । ସେମାନେ ହାର୍ଟ ଆଟାକ ଭାବି ହୃଦ୍‌ରୋଗ ବିଶାରଦଙ୍କ ପାଖକୁ ଚିକିତ୍ସା ପାଇଁ ଯାଆନ୍ତି । ଡ଼ାକ୍ତର ଇ.ସି.ଜି. କରିବା ପରେ ହାର୍ଟର କୌଣସି ଦୋଷ ପାଆନ୍ତି ନାହିଁ । ରକ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଅନ୍ତି । ରକ୍ତ ପରୀକ୍ଷାରୁ ଦେଖାଯାଏ ଯେ, ଇସୋନୋଫିଲ୍ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥାଏ । ଏହା ଫାଇଲେରିଆର କାରଣ । ଡି.ଇ.ସି. ବଟିକା ବ୍ୟବହାର କଲେ ରୋଗୀ ଆରୋଗ୍ୟ ହୁଏ । କେତେକ ରୋଗୀଙ୍କର ସବୁବେଳେ ଥଣ୍ଡା ଓ କାଶ ଲାଗି ରହେ । ଜୀବାଣୁଜନିତ ରୋଗ ଭାବି ଆଣ୍ଟିବାୟୋଟିକ୍ ଖାଆନ୍ତି; କିନ୍ତୁ ଉପଶମ ପାଆନ୍ତି ନାହିଁ । ରକ୍ତ ଭିତରେ ଶିଶୁ ପରଜୀବୀମାନେ ରହିଥିବାରୁ ନିଃଶ୍ୱାସ ନେବାରେ କଷ୍ଟ ହୁଏ । ଡି.ଇ.ସି. ଔଷଧ ଖାଇଲେ ରୋଗ ଭଲ ହୁଏ । ରକ୍ତ ପରିସ୍ରା ଓ ଦୁଧ ପରି ଧଳା ପରିଶ୍ରା ଫାଇଲେରିଆ ଲସିକା ଦେଖିବାକୁ ଦୁଧପରି । ଏହାକୁ କାଇଲ୍ କୁହନ୍ତି । ପରିସ୍ରା ପରୀକ୍ଷା କଲେ କାଇଲ୍ ଜଣାପଡ଼େ । ଏହା ମଧ୍ୟରେ ଶିଶୁ ପରଜୀବୀମାନେ ରହିଥାଆନ୍ତି । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିଲେ ମାଛ ଯାଆଁଳ ପରି ଘୁରି ବୁଲିଥାଆନ୍ତି । ପାଦ ଓ ହାତ ଫୁଲେ । ଏହି ଅଙ୍ଗକୁ ଆସିଥିବା ଲସିକା ନଳୀ ଭିତରେ ବୟସ୍କ ପରଜୀବୀ ଗୁଡ଼େଇ ହୋଇ ରହିଥାଆନ୍ତି । ଫଳରେ ଲସିକା ପ୍ରବାହରେ ବ୍ୟାଘାତ ଘଟେ । ଏହି ପରିଜୀବୀମାନଙ୍କ ଦେହରୁ ଏକ ରାସାୟନିକ ପାଣି ନିର୍ଗତ ହୁଏ । ଏହା ଲସିକା ନଳୀର ପ୍ରବାହ କରେ । ଥରକୁ ଥର ପ୍ରବାହ ହୋଇ ଭିତର ବାଟ ସଙ୍କୁଚିତ ହୋଇଯାଏ । ହାତ ଓ ଗୋଡ଼ରେ ଲମ୍ବା ହୋଇ ଶିର ମୋଟା ହୋଇଯାଏ । ନାଳିପଡ଼େ ଓ କୁଣ୍ଡେଇ ହୁଏ । ସାମାନ୍ୟ ଫୁଲେ । ଏହି ଲକ୍ଷଣଗୁଡ଼ିକ ରୋଗର ପ୍ରଥମ ଅବସ୍ଥାରେ ଦେଖାଯାଏ । ଉପଯୁକ୍ତ ଚିକିତ୍ସା ନ କଲେ ଭଲ ହୁଏ ନାହିଁ । ପ୍ରଥମ ଅବସ୍ଥାରେ ଚିକିତ୍ସା କଲେ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୁଏ । କିଛି ଔଷଧ ନ ଖାଇଲେ ମଧ୍ୟ ଏହା ଆପେ ଆପେ କମିଯାଏ । ପୁଣି କିଛି ବ୍ୟବଧାନ ପରେ ଏହାର ଲକ୍ଷଣ ପ୍ରକାଶ ପାଏ; କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ଆଉ ସମ୍ଭାବନା ନଥାଏ । ଲସିକା ନଳୀରେ ବାରମ୍ବାର ପ୍ରବାହ ହେବା ଫଳରେ ଏହାର ଭିତର ବାଟ ସରୁ ହୋଇଯାଏ । ଲସିକା ପ୍ରବାହ ବାଧାପ୍ରାପ୍ତ ହୁଏ । ଗୋଡ଼ କିମ୍ବା ହାତ ଫୁଲିଯାଏ । ପାଣି ନିର୍ଗତ ହୁଏ । ଚର୍ମରେ ଫୋଟକା ବାହାରେ । ଅତିଶୟ ଯନ୍ତ୍ରଣା ହୁଏ ଫୋଟକା ଫାଟି ସବୁବେଳେ ପାଣି ଝରେ । ହାଇଡ୍ରୋସିଲ୍ ଚର୍ମରୁ ମଧ୍ୟ ସେହିପରି ପାଣି ବାହାରେ । ଲାଲ ପଡ଼ିଯାଏ । ଏହି ସବୁ ନିଦାନର କାରଣ ହେଉଛି ପୂଜ ତିଆରି କରୁଥିବା ଜୀବାଣୁ । ଉପଯୁକ୍ତ ଆଣ୍ଟିବାୟୋଟିକ୍ ପୂର୍ଣ୍ଣ ମାତ୍ରାରେ ଇଂଜେକ୍ସନ ନେଲେ ୮-୧୦ ଦିନ ପରେ ପାଣି ବାହାରିବା ବନ୍ଦ ହୋଇଯାଏ । ଫୁଲା ଓ ଲାଲ କମିଯାଏ । ଯନ୍ତ୍ରଣା ଚାଲିଥାଏ । ଶେଷରେ ପୁରୁଣା ଚମ କାତି ଛାଡ଼ିଲା ପରି ବାହାରିଥାଏ ଓ ନୂଆ ଚମ ଦେଖାଯାଏ । ଏହି ସମୟରେ ଉପଯୁକ୍ତ ଚିକିତ୍ସା ନ କଲେ ଗୋଡ଼ର ସବୁଦିନ ପାଇଁ ଫୁଲା ରହିଯାଏ । ଯୁବକ ଅବସ୍ଥାରେ କେତେକ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେଇ ସନ୍ତାନକ୍ଷମ ହୋଇପାରନ୍ତି ନାହିଁ । ଶୁକ୍ରବାହୀ ନଳୀ ଭିତର ବାଟ ସଂକୁଚିତ ହୋଇଯାଏ । ଫଳରେ ଅଣ୍ଡକୋଷରୁ ଶୁକ୍ରକୀଟ ନିର୍ଗତ ହୋଇପାରେ ନାହିଁ । ଏହା ଦାମ୍ପତ୍ୟ ଜୀବନରେ ଯବନିକା ଟାଣିଦିଏ । ଅବିବାହିତ ଝିଅର ଗୋଡ଼ କିମ୍ବା ହାତ ଫୁଲିଥିଲେ ବିବାହ କଷ୍ଟକର ହୋଇପଡ଼େ । ଏହା ଏକ ସାମାଜିକ କଳଙ୍କ ଝିଅ ପିତାମାତାଙ୍କର ବୋଝ ହୋଇପଡ଼େ । ରୋଗ ଆରମ୍ଭ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ଏହି ବ୍ୟାଧିରୁ ରକ୍ଷା ମିଳେ । ତେଣୁ ସାମାଜିକ ସଚେତନତା ଆବଶ୍ୟକ । ରୋଗୀମାନଙ୍କର ପୂର୍ଣ୍ଣମୀ, ଅମାବାସ୍ୟା ଓ ସଂକ୍ରାନ୍ତି ବିପଦ ଘଣ୍ଟି । ଏହି ସମୟରେ କମ୍ପ ଓ ଜ୍ୱର ହୁଏ । ଗୋଡ଼ ହାତ ବିନ୍ଧା ହୁଏ । ଅଧିକ ଫୁଲା ହୁଏ । ମେଲେରିଆ ପରି ଲକ୍ଷଣ ପ୍ରକାଶ ପାଏ । ଉପଯୁକ୍ତ, ନିୟମିତ ଏବଂ ବହୁଦିନ ଚିକିତ୍ସାରେ ରହିଲେ ଏହି ସମସ୍ୟା ରହେ ନାହିଁ । ଶରୀରର ଓଜନ ଷାଠିଏ ପ୍ରତିଶତ ପାଣି । ପୂର୍ଣ୍ଣମୀ ଓ ଅମାବାସ୍ୟାରେ ଜୁଆର ଆସେ । ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଏହି ଜୁଆର ସୃଷ୍ଟି କରେ । ସେହି ଶକ୍ତି ମନୁଷ୍ୟ ଶରୀରରେ ଥିବା ପାଣିକୁ ହଲାଇ ପକାଏ । ଫାଇଲେରିଆର ପରଜୀବୀ ଲସିକା ପାଣି ଭିତରେ ଶୋଇ ରହିଥାଆନ୍ତି । ଏମାନଙ୍କର ଲମ୍ବ ତିନି ଚାରି ଇଞ୍ଚ । ଛୋଟ ସାପ ପରି ଏମାନେ ଗୁଡ଼େଇ ହୋଇ ରହିଥାଆନ୍ତି । ଲସିକାରେ ଢ଼େଉ ସୃଷ୍ଟି ହେବାରୁ ଏହି ସୁପ୍ତ ପରଜୀବୀମାନେ ଉତ୍ତେଜିତ ହୋଇ ଉଠନ୍ତି । ସାପ ଉତ୍ତେଜିତ ହେଲେ ଗରଳ ନିର୍ଗତ କଲାପରି ଏମାନଙ୍କର ଦେହରୁ ଏକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହୁଏ । ଏହା ଶରୀରରେ ପ୍ରବାହ ସୃଷ୍ଟି କରେ, ଜ୍ୱର ଆସେ, ବିନ୍ଧା ହୁଏ, କୁଣ୍ଡେଇ ହୁଏ ଏବଂ ଗୋଡ଼ ହାତ ଫୁଲେ । ତେଣୁ ଏହି ରୋଗର ପୂର୍ଣ୍ଣମୀ, ଅମାବାସ୍ୟା ସହିତ ସମ୍ପର୍କ ରହିଛି । ଏହି ରୋଗରୁ ରକ୍ଷା ପାଇବାକୁ ହେଲେ ମଶାଠାରୁ ଦୂରେଇ ରହିବାକୁ ପଡ଼ିବ । ପରିବେଶ ପରିଷ୍କାର ରହିବା ଆବଶ୍ୟକ । ନାଳ ନର୍ଦ୍ଦମା ସଫା କରିବା ଉଚିତ୍ । ରାତିରେ ମଶାରୀ ବ୍ୟବହାର ବିଧେୟ । ଘର ଚାରିପାଖରେ ପାଣି ଜମି ରହିଲେ ମଶାମାନେ ଅଣ୍ଡାଦେଇ ବଂଶବୃଦ୍ଧି କରିବେ । ଅନ୍ଧାରୁଆ ସ୍ଥାନରେ ମଶାମାନେ ଲୁଚି ରହନ୍ତି । କୀଟନାଶକ ଔଷଧ ସେହି ସ୍ଥାନରେ ସ୍ପ୍ରେ କରିବା ଉଚିତ୍ । ସପ୍ତାହରେ ଥରେ ଗୋଟିଏ ଡି.ଇ.ସି. ବଟିକା ଖାଇଲେ ରକ୍ତରେ ଥିବା ଶିଶୁ ପରଜୀବୀମାନେ ମରିଯାଆନ୍ତି । ଏହି ରୋଗର ନିରାକରଣ ପାଇଁ ଗୋଟିଏ ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ୩ଟି ଡି.ଇ.ସି. ବଟିକା ଏକାଥରେ ଖାଇଲେ ରୋଗର ବାହକମାନଙ୍କ ରକ୍ତରୁ ଶିଶୁ ପରଜୀବୀମାନେ ମରିଯାଆନ୍ତି । ଫଳରେ ରୋଗର ସଂକ୍ରମଣ ପ୍ରାଦୁର୍ଭାବ ଦୂର ହୁଏ । ଏହି ପଦ୍ଧତି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ୱିକୃତ । ଆୟୋଡ଼ାଇଜଡ୍ ଲୁଣ ପରି ଡି.ଇ.ସି. ମିଶ୍ରିତ ଲୁଣ ବ୍ୟବହାର କଲେ ସମାଜରୁ ଫାଇଲେରିଆ ନିରାକରଣ ହୋଇପାରି । ସେଥିପାଇଁ ସରକାରଙ୍କର ଓ ଜନସାଧାରଣଙ୍କର ସମୂହ ଆନ୍ତରିକ ଚେଷ୍ଟା ଆବଶ୍ୟକ ।

ମୋ-୯୪୩୮୦୪୦୮୭୧
bhagirathi.dhanitri@gmail.com

# ସିପାହୀ ବିଦ୍ରୋହର ସୂତ୍ରଧର-ଚନ୍ଦନ ହଜୁରୀ



ଅକ୍ଷୟ କୁମାର ରାଉତ

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ, ମାନୀ, ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ । ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ । ସମ୍ଭବତଃ ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ (ଅନ୍ୟମତେ ଶାମ୍ବଦଶମୀ ଜାନୁୟାରୀ ୨୦ ତାରିଖ) ହରଚଣ୍ଡୀ ବୁଢ଼ା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ । ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ । ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା । ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ । ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି । ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି । ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା । ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ । ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଳୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ । ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀ ର ଦେହାନ୍ତ ପରେ । ଭିମସେନ ଙ୍କ ମଧ୍ୟସ୍ଥିରେ ଗଙ୍ଗାଧର ମନୁବାଈକୁ ବିବାହ କରିଥିଲେ । ବିବାହ ପରେ ମନୁବାଈଙ୍କ ନାମ ହେଲା ଲକ୍ଷ୍ମୀବାଈ । ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ । ଇଂରେଜ ଜାତିର ଅନ୍ୟାୟ ଓ ଅବି ?ର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା । ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ । ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ । ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା । ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ । ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ ,ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ । ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରୀନାନୀ ଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦର ମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି । ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ । ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀ ଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢ଼ିବେ । ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ ,ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ , ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍‌ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ ,ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା । ସବୁ ଲୋକ ତାଙ୍କ କଥାରେ ମାତିଗଲେ । ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀ ମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ତୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା , ତାହା ଉପରେ ଗୋରୁ ଓ ଘୁଷୁରି ର ଚର୍ବି ବୋଳା ଯାଇଛି । ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ । ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ । ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ । ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ । କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା । ଇଂରେଜ ସରକାର ହାର ମାନିଲେ । ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା । ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍‌ସୀ ଦୁର୍ଗ ଅଧିକାର କରିବେ । ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ । ଝାନ୍‌ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା । ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ । ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍ , ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ । ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ । ସାର୍ ହିଉରୋଜ ଜଣେ ନାରୀ ର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ । ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ । ରାଣୀ ଲକ୍ଷ୍ମୀବାଈ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ । ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ । ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ । ଗୋୱାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ । ଝାନ୍‌ସୀ ରାଣୀ ଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା । ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା । ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପଣି ପାଇ, ସେହି ନଦୀ କୁଳରେ ପ୍ରାଣହରାଇଲେ । ଜଳନ୍ତା ଜୁଇରେ ଚିର ନିଦ୍ରା ରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ । ତାନ୍ତିଆ ଫାଶୀପାଇଲେ । ନିଖୋଜ ହେଲେ ନାନା ସାହେବ । ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ । ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍ ରେ ବନ୍ଦି କରି ରଖିଲେ । କାଲାକା ଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ । ଇଂରେଜ ପୋଲିସ ଚନ୍ଦନଙ୍କୁ ଧରିବା ଲାଗି ଛାଇଭଳି ଜଗିରହିଲେ । ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା । ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ । ଚନ୍ଦନ ହଜୁରୀ ଦେଢ଼ବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହା ରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ପରେତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ -

> ନ୍ତନଈରେ ବାଳିଆ ଚହଟିଲା
> କଜଳ ସିନ୍ଦୂର ନାଆ ଲୋ ରାଣ୍ଡ
> ପୁଣି ଚାଖିଆ ଲେଉଟିଲାନ୍ତ ।

ମଣିଷ ମାରିବା ଅପରାଧରେ ପୁରୀ ରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା । କିଛି ପ୍ରମାଣ ମିଳିଲା ନାହିଁ । ତାଙ୍କୁ ନଜର ବନ୍ଦୀ କରାଗଲା । ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ । ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା ।ଚାଖ୍ ଖଣ୍ଡା ଛାଡି କଲମ ଧଇଲେ । ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ -

> ନ୍ତଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ
> ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
> ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା
> ଗଣ୍ଡାକର ଦିଶୁ ନାହିଁ ମହିମା ହେନ୍ତ ।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହା ହା କାର କରୁଥିଲା । ସେ ନିରାସ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ -ନ୍ତଡେଣା ଭଙ୍ଗା ପକ୍ଷୀ ପରାୟେ ହୋଇ ଡାକ ବିନୁ ଗତି ଅନ୍ୟଥା ନୋହିନ୍ତ । ସମ୍ଭବତଃ ୧୮୮୮ (୧୮୭୦) ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୁତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ । ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ ।

ପାରାଦ୍ୱୀପ ଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ- ୯୯୩୭୬୯୧୪୭୫




# କେନ୍ଦୁଝର:ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତକର୍ମନିଯୁକ୍ତି ଯୋଜନାରେ ମେସିନ କରୁଛିକାମ:ଶ୍ରମଜୀବୀ ଭକୁଆ

କେନ୍ଦୁଝର : କରୋନା ମହାମାରୀ ଲୋକଙ୍କର ଅଂଟା ଭାଙ୍ଗି ଦେବାସହ ଶ୍ରମଜିବୀଙ୍କ ପାଇଁ ପରିବାର ପ୍ରତିପୋଷଣ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବିଭିନ୍ନ ବର୍ଗର ଲୋକମାନେ ହନ୍ତସନ୍ତ ହେଉଛନ୍ତି । ସବୁ ଚିନ୍ତା ଠାରୁ ପେଟ ଚିନ୍ତା ଏବେ ବଢି ଯାଇଛି । ଏହି ସମୟରେ ଲୋକଙ୍କ ପାଇଁ କର୍ମ ସଂସ୍ଥାନ ର ଆବଶ୍ୟକତା ସବୁଠାରୁ ଅଧିକ ରହିଥିବା ବେଳେ ସରକାରଙ୍କ ପକ୍ଷରୁ ଜିଲ୍ଲାର ଅନେକ ଅଂଚଳରେ ଏହାର ବ୍ୟବସ୍ଥା କରାଯାଉଛି । ଏବଂ ଏହି କ୍ରମରେ ଶ୍ରମଜିବୀ ମାନଙ୍କୁ କାମ ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକର ଗ୍ରାମାଚଂଳରେ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଅଧିନରେ ଚାଲିଛି କାମ । କିନ୍ତୁ ଏହି କାମରେ ବ୍ୟାପକ ଅନିୟମିତତା ଦେଖାଦେଇଛି ଫଳରେ ଯୋଜନାଟି ତାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି । ଅନୁରୂପ ଅଭିଯୋଗମାନ ସ୍ଥାନୀୟ ଅଧିବାସୀମାନେ କରିଛନ୍ତି । ଗ୍ରାମାଚଂଳରେ ଏନଆରଇଜିଏସ କାମରେ ମେଟଂ ମାନଙ୍କ ସହିତ କିଛି ଗ୍ରାମାଚଂଳ ଠିକାଦାର ମାଲେମାଲ ହେଉଥିବା ବେଳେ ବିଚେରା ଶ୍ରମଜୀବୀଟି ପାଇଁ କେବଳ ମୁଣ୍ଡରେ ହାତ ବାଡେଇବା ସାର ହେଉଛି । ଏବଂ ଏପଟେ ବ୍ଲକ ପ୍ରଶାସନ ମଧ୍ୟ ଯାହାବି କାମ ହେଉ , ଧାର୍ଯ୍ୟ ଲକ୍ଷ୍ୟ ପୁରଣ ହୋଇଗଲେ ସବୁ ହୋଇଗଲା ନ୍ୟାୟରେ କାମ ଚଳାଇ ରଖିଛି । ମେସିନରେ କାମ କରାଯାଉଥିବା ବେଳେ ମେଟଂ ଓ ତଥା କଥିତ ଠିକାଦାର ମାନେ କିଛି ଜବକାର୍ଡଧରୀଙ୍କ କାର୍ଡ ବନ୍ଧକ ରଖି, ସେମାନଙ୍କ ନାମରେ ମଷ୍ଟରରୋଲ ତିଆରି କରି, ସେମାନଙ୍କୁ ନାମକୁ ମାତ୍ର କିଛି ମଜୁରୀ ଦେଇ ସିହଂଭାଗ ଚଲୁ କରୁଛନ୍ତି । ଏବଂ ଅନୁରୂପ ଭାବେ ବ୍ୟାଙ୍କରୁ ମଧ୍ୟ ଉଠାଯାଉଛି ଟଙ୍କା । ଏବେ ଗ୍ରାମାଚଂଳର ଶହ ଶହ ଜବକାର୍ଡଧାରୀ ହାତ ବାନ୍ଧି ବସି ରହିଛନ୍ତି । ଅଭିଯୋଗ କଲେ ସେପଟେ ନାମକୁ ମାତ୍ର ମଜୁରୀ ହେଲେବେ ବିନା ପରିଶ୍ରମରେ ଜବକାର୍ଡକୁ ବନ୍ଧା ଦେଇ ଅର୍ଥ ରୋଜଗାର କରୁଥିବା ଜବକାର୍ଡଧାରୀ ଏବଂ ଏହି ତଥା କଥିତ ଠିକାଦାରଙ୍କ ଆକ୍ରଶର ଶିକାର ହେଉଛନ୍ତି ଅଭିଯୋଗକାରୀ । ଝୁମ୍ପୁରା ବ୍ଲକରେ ନିଶ୍ଚିନ୍ତପୁର ଗ୍ରାମ ପଚଂାୟତ ପରେ ଏବେ ଟୁକୁଡିହା ଗ୍ରାମ ପଚଂାୟତରେ ଏନଆରଇଜିଏସ କାମରେ ଅନୁରୁପ ଅନିୟମିତତା ହେବା ଅଭିଯୋଗ ହୋଇଛି । ଟୁକୁଡିହା ପଚଂାୟତର କଟୁପଶି ଗ୍ରାମ ବରାବନ୍ଧ ଉନ୍ନତି କରଣ ପାଇଁ ୨୦୨୦-୨୧ଆର୍ଥିକ ବର୍ଷରେ ୮ଲକ୍ଷ ୩୫ ହଜାର ଟଙ୍କାରୁ ଉର୍ଦ୍ଧ ବ୍ୟୟ ଅଟକଳ ରହିଥିବା ବେଳେ ଏହି ଉନ୍ନତି କରଣ କାମକୁ ମାତ୍ର ହାତଗଣତି କେତେଜଣ ଜବକାର୍ଡଧାରୀଙ୍କୁ ଛାଡିଦେଲେ, ସମ୍ପୁର୍ଣ୍ଣ ଭାବେ ପ୍ରୋକଲିନ ମେସିନ ଲଗାଯାଇ କାମ କରି ନିଆଯାଉଛି । କଟୁପଶି ଗ୍ରାମ ସମେତ ପାଖ ଗ୍ରାମର ଶହ ଶହ ଜବକାର୍ଡଧାରୀ କାମ ନ ପାଇ ଅସନ୍ତୁଷ୍ଟତା ପ୍ରକାଶ କରିବା ସହିତ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ବନ୍ଧ ପାଖରେ ଲାଗିଥିବା ସୂଚନା ଫଳକରେ ମଧ୍ୟ ଅସମ୍ପୂର୍ଣ୍ଣ ଲେଖା ରହିଥିବା ବେଳେ, ବନ୍ଧ ମାଟି ସବୁ ଏଣେତେଣେ ପକାଯାଇଥିବା ଦେଖା ଯାଇଛି । 'ୟାସ' ବାତ୍ୟା ଯୋଗୁଁ ବନ୍ଧରେ ପାଣି ଭରି ରହିଛି । ଗ୍ରାମବାସୀ ଓ ଜବକାର୍ଡଧାରୀଙ୍କ ଅଭିଯୋଗ ଉପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପୁରୁଷୋତମ ହେମ୍ବ୍ରମଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଦେଇ ଫୋନ କାଟି ଦେଇଥିଲେ । ଅନ୍ୟପଟେ ଝୁମ୍ପୁରା ବ୍ଲକ ଏପିଓ ପୂର୍ଣ୍ଣଚନ୍ଦ୍ର ନାୟକ ତଦନ୍ତ ପୂର୍ବକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏବେ ବାସ୍ତବରେ କେବେ ତଦନ୍ତ ହେଉଛି ଓ ପଦକ୍ଷେପ ନିଆଯାଉଛି କିମ୍ବା ଭିତରେ ଭିତରେ ରଫାଦଫା କରି ସବୁଠିକ ଅଛି କୁହାଯାଉଅଛି ତାହା ହିଁ କେବଳ ଦେଖିବାକୁ ବାକି ରହିଲା ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ କୋଭିଡ଼ ସଚେତନତା କାର୍ଯ୍ୟକ୍ରମ

ବାରିପଦା : ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ କୋଭିଡ଼ର ଦ୍ୱିତୀୟ ପର୍ଯ୍ୟାୟକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀଙ୍କୁ ସଚେତନ ହେବା ସହିତ ଜନସାଧାରଣଙ୍କ ସେବା ଓ ସଚେତନତା ପ୍ରତି ଧ୍ୟାନ ଦେବା ନିମନ୍ତେ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ର ରସାୟନ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ସଭାପତିତ୍ୱ କରି ବିଶ୍ୱମହାମାରୀ କରୋନା ର ଭୟାବହତା ଏବଂ କିପରି ନିଜକୁ ବିପଦମୁକ୍ତ ରଖିବା ତାହା ଅତି ସୁନ୍ଦର ଭାବରେ ବୁଝାଇ ଦେଇଥିଲେ । ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ଅତିଥି ଭାବରେ ଯୋଗ ଦେଇ କରୋନା ସମୟ ରେ ଅଙ୍ଗେ ନିଭାଇ ଥିବା ଅନୁଭୂତି ପ୍ରକାଶ କରି ସ୍ୱେଚ୍ଛାସେବୀ ମାନେ ସତର୍କ ଓ ସଚେତନ ହୋଇ ସମାଜକୁ ସଠିକ୍ ବାର୍ତ୍ତା ଦେବା ପାଇଁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ଧୈର୍ଯ୍ୟ , ଦୃଢ ମନୋଭାବ ଓ ଆତ୍ମବିଶ୍ୱାସ ଉପରେ ଗୁରୁତ୍ୱ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱର ଏମ୍ସ ର ସର୍ଜରୀ ବିଭାଗର ବରିଷ୍ଠ ଚିକିତ୍ସକ ଡ଼ ସନ୍ତୋଷ କୁମାର ମହାନ୍ତି କରୋନା ର ଉତ୍ପତ୍ତି, ବଂଶ ବିସ୍ତାର, ମାସ୍କ ପରିଧାନ ନିୟମ , କରୋନା ସମୟ ରେ ସତର୍କତା ଓ ସଚେତନତା ପ୍ରତି ବକ୍ତବ୍ୟ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରଭାବିତ କରିଥିଲା । ଡ଼ ମହାନ୍ତି ଙ୍କ ସହିତ ଅନେକ ସ୍ୱେଚ୍ଛାସେବୀ ପ୍ରଶ୍ନୋତର କରି ଅନେକ ଉପାଦେୟ ସୂଚନା ପାଇଥିଲେ । ଓୟୁଏଟି ଭୁବନେଶ୍ୱର ର ଜାତୀୟ ସେବା ଯୋଜନା ପ୍ରଶିକ୍ଷକ ଶ୍ରୀଯୁକ୍ତ ନିରଦବରଣ ଖୁଂଟିଆ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବା ଯୋଜନ ସଂସ୍ଥା ଅନ୍ୟ ମାନଂକ ପାଇଁ ଉଦାହରଣ ବୋଲି କହିବା ସଂଗେ ସଂଗେ ନିୟନ୍ତ୍ରଣ ରେ ରହିଲେ କରୋନା ର ଶୀଘ୍ର ବିଲୋପ ଘଟିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ଜାତୀୟ ଯୋଜନା ସଂଯୋଜକ ଶ୍ରୀ ଶୁଭେନ୍ଦୁ ଦାସ ପ୍ରସଙ୍ଗ ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ ସୁରଞ୍ଜନ ଦାସ କାର୍ଯ୍ୟକ୍ରମ କୁ ପରିଚାଳନା କରି ସ୍ୱେଚ୍ଛାସେବୀ ମାନଙ୍କୁ ବକ୍ତା ଓ ଅତିଥି ମାନଙ୍କ ବାର୍ତ୍ତା କୁ ଅଙ୍ଗେ ନିଭାଇବାର ବାର୍ତ୍ତା ଦେଇଥିଲେ ତଥା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଡ଼ ପ୍ରତାପ ଜେନା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ଅଧିକାରୀଣୀ ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରି ଥିଲେ । ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ଅସୁସ୍ଥତା ବଶତଃ ଯୋଗ ଦେଇ ପାରି ନ ଥିଲେ ସତ୍ୱେ କାର୍ଯ୍ୟକ୍ରମ ର ସଫଳତା କାମନା କରିଥିଲେ । ସେହିପରି ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପସଚିବ ଡ଼ଃ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟବ୍ୟସ୍ତତା ପାଇଁ ଯୋଗ ଦେଇ ନ ଥିବା ସତ୍ୱେ ସମସ୍ତଙ୍କ ମଂଗଳ କାମନା କରିଥିଲେ । ସମସ୍ତ ଅଧିକାରୀ ତଥା ଶତାଧିକ ସ୍ୱେଚ୍ଛାସେବୀ ଙ୍କ ନିସ୍ୱାର୍ଥ ଯୋଗଦାନ ସ୍ୱରୂପ ସଭା ସଫଳତାର ସହିତ ସମାପନ ହୋଇଥିଲା ।

# ପରଲୋକରେ ଜାତୀୟସ୍ତରର ପୂର୍ବତନ ଫୁଟବଲ ଖେଳାଳୀ ତଥା ଓଡ଼ିଶା ମହିଳା ଫୁଟବଲ ପ୍ରଶିକ୍ଷକ ନନ୍ଦକିଶୋର

ବାରିପଦା: ଜାତୀୟସ୍ତରର ପୂର୍ବତନ ଫୁଟବଲ ଖେଳାଳୀ ତଥା ଓଡ଼ିଶା ମହିଳା ଫୁଟବଲ ଦଳର ପ୍ରଶିକ୍ଷକ ନନ୍ଦ କିଶୋର ପଟ୍ଟନାୟକ କୋଭିଡ଼-୧୯ରେ ଆକ୍ରାନ୍ତ ଥାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମେ ୩୧ ବିଳମ୍ବିତ ରାତ୍ରିରେ ୬୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ନନ୍ଦକିଶୋର ସମସ୍ତଙ୍କ ନିକଟରେ ଟୁଟୁ ଭାଇ ନାମରେ ପରିଚିତ ରହିଥିଲେ । ସେ ୧୯୭୧ରୁ ୧୯୮୫ ପର୍ଯ୍ୟନ୍ତ ବାରିପଦାର ବିଭିନ୍ନ ଫୁଟବଲ କ୍ଲବରେ ଜଣେ ଉଚ୍ଚକୋଟୀର ଫୁଟବଲ ଖେଳାଳୀ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୯୭୭ ଓ ୧୯୭୮ରେ ଓଡ଼ିଶା ଫୁଟବଲ ଦଳରେ ଜାତୀୟସ୍ତରରେ ସମ୍ମାନଜନକ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ । ତାଙ୍କର ଉଚ୍ଚକୋଟୀର ଫୁଟବଲ ଖେଳ ପାଇଁ ୧୯୭୯ରେ ଏଜିରେ ଚାକିରୀ କରିବାର ସୁଯୋଗ ପାଇଥିଲେ ଏବଂ ଅର୍ଡ଼ିଟର ଭାବେ ଚାକିରୀରୁ ଅବସର ନେଇଥିଲେ । ସେଥିରେ ଟୁଟୁ ଭାଇ ଅଟକି ଯାଇନଥିଲେ । ତାଙ୍କର ଶ୍ରେଷ୍ଠ ଅବଦାନ ହେଉଛି ଓଡ଼ିଶା ମହିଳା ଫୁଟବଲ ଦଳ । ତାଙ୍କ ବଳିଷ୍ଠ ପ୍ରଶିକ୍ଷଣରେ ଓଡ଼ିଶା ମହିଳା ଫୁଟବଲ ଦଳ ଅନେକ ଥର ଜାତୀୟ ଚମ୍ପିଆନ ହେବାରେ ସଫଳ ହେବା ସାଙ୍ଗକୁ ଆନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳୀ ସୃଷ୍ଟି କରାଇବାରେ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା । ଏଥିସହିତ ନନ୍ଦକିଶୋର ପଟ୍ଟନାୟକଙ୍କ ଅବିସ୍ମରଣୀୟ ଅବଦାନ ନିମନ୍ତେ ବହୁ ସମ୍ମାନର ଅଧିକାରୀ ହୋଇପାରିଥିଲେ । ସେଗୁଡ଼ିକ ମଧ୍ୟରେ ରିଏଲ ହିରୋ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ସିଏନଏନ, ଆଇବିଏନ, ଜୋଲ ଓ ୨୦୧୫ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ନିକଟରୁ ବିଜୁ ପଟ୍ଟନାୟକ ଆୱାର୍ଡ଼ ଫର ଆଉଟଷ୍ଟାଣ୍ଡିଂ କୋଚ ପୁରସ୍କାର ଆଦି ରହିଛି ।ନନ୍ଦ କିଶୋରଙ୍କ ବିୟୋଗରେ ଓଡ଼ିଶା କ୍ରୀଡ଼ା ବିଭାଗର ଫୁଟବଲ ଆସୋସିଏସନର ସମ୍ପାଦକ ଆର୍ଶୀବାଦ ବେହେରା, ଅଲିମ୍ପିକ ଆସୋସିଏସନର ସମ୍ପାଦକ ଅଭିଜିତ୍ ପାଲ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଶୋକ ବାର୍ତ୍ତା ଜଣାଇଥିବା ବେଳେ ମୟୂରଭଞ୍ଜ କ୍ରୀଡ଼ା ସଂସଦ ପକ୍ଷରୁ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## କେନ୍ଦୁଝର ସହରରେ ଏକ ଡ୍ରେନରୁ ମୃତ ଅବସ୍ଥାରେ କନେଷ୍ଟବଲ ଉଦ୍ଧାର

କେନ୍ଦୁଝର: କେନ୍ଦୁଝର ସହରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଙ୍ଗଳବାର ଦିନ ସକାଳୁ ଚର୍ଚ୍ଚ ରୋଡରେ ରହିଥିବା ସଦର ଏସ. ଡି. ପି . ଓ . ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ଡ୍ରେନ ମଧ୍ୟରୁ ଜଣେ କନେଷ୍ଟବଲଙ୍କ ମୃତ ଦେହ ଉଦ୍ଧାର ହୋଇଛି । ସଂପୃକ୍ତ କନେଷ୍ଟବଲ କିଭଳି ଏବଂ କେଉଁ ପରିସ୍ଥିତିରେ ସେହି ଡ୍ରେନ ମଧ୍ୟକୁ ଖସିପଡିଥିଲେ ତାହା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ଏହି ଘଟଣା ଗତ ରାତ୍ରୀରେ ହିଁ ଘଟିଥିବା ଏବଂ ଯେହେତୁ ଡ୍ରେନ ମଧ୍ୟରେ ବଡ ବଡ ପଥର ଖଣ୍ଡ ପଡିଥିବା ଦେକିବାକୁ ମିଳିଛି ସେହି ଦୃଷ୍ଟିରୁ ସଂପୃକ୍ତ କନେଷ୍ଟବଲ କୌଣସି ଭାବେ ଡ୍ରେନ ମଧ୍ୟରେ ଖସି ପଡିବା ପରେ ହୁଏତ ତାଙ୍କର ମୁଣ୍ଡ ସେହି ପଥର ଖଣ୍ଡ ମାନଙ୍କରେ ବାଡେଇ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ।

# ଯୁବତୀର ସନ୍ଦେହ ଜନକ ମୃତ୍ୟୁ ଘଟଣା : ଶ୍ମଶାନରୁ ଶବ ବାହାର କଲା ପୋଲିସ

ଧର୍ମଶାଳା: ଶ୍ମାଶନକୁ ଗଲା ଶବ । ପୁଣି ଶ୍ମଶାନରୁ ବାହାର କରାଗଲଶ ଶବ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ଓସିସି କଲୋନୀରେ । ଆଜି ପୋଲିସ ସଦଳବଳେ ଶ୍ମଶାନରେ ପଂହଚି ଜେସିବି ଦ୍ୱାରା ଶବ ମାଟି ତଳୁ ବାହାର କରିବା ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ ଗତ ରିବାର ଦିନ ଆରୁହା ଓସିସି କଲୋନୀର ସ୍ୱର୍ଗତ ଅରୁଣ ଜେନାଙ୍କ ଝିଅ ଉପାସନା(୨୨)ଙ୍କର ମୃତ୍ୟୁ ଘଟିଥିଲା । ତେବେ ପରିବାର ଲୋକେ ପଡୋଶୀଙ୍କ ସହଯୋଗରେ ଉପାସନାର ଶେଷକୃତ ସମ୍ପନ୍ନ କରିଥିଲେ । ଉପସାନାଙ୍କର ମୃତ୍ୟୁ ଖବର ଥାନାକୁ ନ ଜଣାଇ ଶେଷକୃତ ସମ୍ପନ୍ନ ହୋଇଥିଲା । ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉପାସନାଙ୍କ ପରିବାର ନିକଟରେ ପଂହଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ଝିଅର ହୃଦଘାତରେ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ପୋଲିସକୁ କହିଥିଲେ । ପୋଲିସ ଏନେଇ ଏକ ଅପମୃତ ମାମଲା ରୁଜୁ କରିଥିଲା । ତେବେ ଆଜି ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ,ଯାଜପୁର ଏସ୍‌ଡିପିଓ ଚିନ୍ମୟ ନାୟକ ଓ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସକାଳେ ଶଶ୍ମାନରେ ପଂହଚି ଜେସିବି ଦ୍ୱାରା ଶବକୁ ମାଟି ଭିତରୁ ବହାର କରିଥିଲେ । କେସ୍ ନଂ ୧୫୧୨୧ରେ ଏକ ମାମଲା ରୁଜୁ କରାଯାଇ ଶବବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଅଧିକ ତଦନ୍ତ ଚଳାଇଛି । ଉପାସନର ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ପୋଲିସ କହିଛି । ଉପାସନ ବେକରେ ଫାଶି ଲାଗାଇ ଆତ୍ମହତ୍ୟା କରିଥିବା ନେଇ ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି । ଯଦି ଉପାସନ ଆତ୍ମହତ୍ୟା କରିଛି ପରିବାର ଲୋକେ କାହିଁକି ଅତି ତରବରିଆଭାବେ ଶେଷକୃତ ସମ୍ପନ୍ନ କଲେ ତାହା ସମସ୍ତଙ୍କ ଉପରେ ନଜର ରହିଛି ।

## କାର ଧକ୍କାରେ ସାଇକଲ ଆରୋହୀର ମୃତ୍ୟୁ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରେ ଥିବା ତଣ୍ଡ୍ରିଗାଁ ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ରାସ୍ତାରେ ଆଜି ଏକ ସଡକ ଦୁର୍ଘଟଣାରେ ଜଣେ ସାଇକଲ ଆରୋହୀର ମୃତ୍ୟୁ ଘଟିଛି । ଦୁର୍ଘଟଣା ଘଟାଇଥିବା କାର ର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୯ଟା ବେଳେ ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ବନ୍ଧଗଡ ପଂଚାୟତର ମନୁଆବାଡି ଗାଁର ଲକ୍ଷ୍ମୀଧର କହଁର (୩୫) ତାଙ୍କ ନବଜାତ ଶିଶୁ ଏବଂ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଛାଡି ଏକ ସାଇକଲ ଯୋଗେ ନିଜ ଗାଁକୁ ଫେରୁଥିବା ବେଳେ ଘଟଣା ସ୍ଥଳରେ ତାଙ୍କ ପଛପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ମାରୁତୀ ୱାଗନର କାର(ଓଆର-୦୨-ଜେଡ-୩୮୯୦) ସହିତ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ କାର ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲା । ଖବର ପାଇ ଫିରିଙ୍ଗିଆ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ୬୬/୨୧ ରୁଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ତେବେ ଦୁର୍ଘଟଣା ଘଟାଇଥିବା କାରଟି ସ୍କାଇ ଅଟୋମୋବାଇଲ ଭୁବନେଶ୍ୱର ନାମରେ ରେଜିଷ୍ଟ୍ରି ହୋଇଥିବା ଗାଡିର କାଗଜ ପତ୍ରରୁ ପୋଲିସ ଜାଣିପାରିଛି ।

# କାଳବୈଶାଖି ଯୋଗୁଁ ଅସୁବିଧାରେ କେନ୍ଦୁପତ୍ର ତୋଳାଳି

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ ଗ୍ରାମାଂଚଳର ଲୋକେ ବର୍ଷସାରା ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେଗୁଡିକୁ ବିକ୍ରି କରି ଦିପଇସା ରୋଜଗାର କରି ଥାଆନ୍ତି । କିଛି ଲୋକ ମହୁଲା,ଟୋଲ,ତେନ୍ତୁଳି,ଶିଆଳି ଶାଳ ଖଲି ସମେତ କେନ୍ଦୁ ପତ୍ର ମଧ୍ୟ ସଂଗ୍ରହ କରିଥାଆନ୍ତି । ଲୋକମାନେ ସେମାନଙ୍କର ଅଂଚଳର ଜଙ୍ଗଲଜାତ ଜିନିଷର ଉପଲବ୍ଧତାକୁ ନେଇ ଏହିସବୁ ଜିନିଷ ସଂଗ୍ରହ କରିଥାଆନ୍ତି । ସେହିପରି କିଛି ଲୋକ କେନ୍ଦୁପତ୍ର ସଂଗ୍ରହ କରି ସେମାନଙ୍କର କିଛି ରୋଜଗାର କରନ୍ତି । ତେବେ କରୋନାର ସଂକ୍ରମଣ ଯୋଗୁଁ ଘୋଷଣା କରାଯାଇଥିବା ଲକଡାଉନ ଯୋଗୁଁ ବର୍ତ୍ତମାନ ସେମାନଙ୍କ ରୋଜଗାର ପାଇଁ କେନ୍ଦୁପତ୍ର ସଂଗ୍ରହ ଏକମାତ୍ର ଜଙ୍ଗଲ ଜାତ ଜିନିଷ ଅଟେ । ଏହି ସମୟରେ ସେମାନେ କେନ୍ଦୁପତ୍ର ସଂଗ୍ରହରେ ଲାଗିଥାଆନ୍ତି । ହେଲେ ତୁହାକୁ ତୁହା କାଳବୈଶାଖି ଓ ବର୍ଷା ଯୋଗୁଁ ସେମାନେ ତୋଳି ସୁଖାଇଥିବା କେନ୍ଦୁପତ୍ର ସବୁ ନଷ୍ଟ ହୋଇଯାଉଛି । ଏହି ଅବସରରେ ସେମାନେ ସଂଗ୍ରହ କରିଥିବା କେନ୍ଦୁପତ୍ର ସବୁର ପଇସା ସେମାନେ ପାଇ ନାହାନ୍ତି । ଫୁଲବାଣୀ କେନ୍ଦୁପତ୍ର ବିଭାଗ ପକ୍ଷରୁ ଚଳିତ ବର୍ଷ ଫୁଲବାଣୀ, ଗୋଛାପଡ଼ା, ଇଷ୍ଟ,ବାଲିଗୁଡା,ତୁମୁଡିବନ୍ଧ,ଭଞ୍ଜନଗର ଦଶପଲ୍ଲା ଭଳି ୭ଟି ରେଞ୍ଜ ଅଂଚଳ ଗୁଡିକରୁ ପ୍ରାୟ ୧୩ ହଜାର ମେଟ୍ରିକ ଟନ୍ କେନ୍ଦୁପତ୍ର ସଂଗ୍ରହର ଲକ୍ଷ ଧାର୍ଯ୍ୟ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୨ ହଜାର ମେଟ୍ରିକ ଟନ୍ ସଂଗ୍ରହ ହୋଇ ପାରିଛି । କାଳବୈଶାଖି ଏବଂ ଅଦିନିଆଁ ବର୍ଷା ଯୋଗୁଁ ଲକ୍ଷ ଧାର୍ଯ୍ୟ ହୋଇପାରିନାହିଁ । ସେହିପରି ଫଡି ମରାମତି ଗୋଛା କଟେଇ ଆଦିରେ ବିଭାଗ ଏକ କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଛି । କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଯାଗାରେ ପ୍ରାୟ ୫୦ ହଜାର କେନ୍ଦୁପତ୍ର ତୋଳାଳି ଅଛନ୍ତି । ଏଥିରେ ସେମାନେ ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କୁ ବିଭାଗ ତରଫରୁ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ବୋନସ ଏବଂ ଅନ୍ୟାନ୍ୟ ସହାୟତା ମିଳୁନାହିଁ ବୋଲି କହିଛନ୍ତି କେନ୍ଦୁପତ୍ର ତୋଳାଳି ମାନେ । ଏହି ସଂକ୍ରାନ୍ତରେ କେନ୍ଦୁପତ୍ର ଡିଏଫଓ ପତିତପାବନ ପରିଡାଙ୍କୁ ପଚାରିବାରେ ବୁସକଟିଙ୍ଗ ବାବଦର ଟଙ୍କା କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ପାଇଁ ଉଦିଷ୍ଟ ଥିବା ବୋନସ ଟଙ୍କା ମଧ୍ୟ ଆସି ଯାଇଛି ଯାଥା ଶିଘ୍ର ସେମାନଙ୍କ ବ୍ୟାଙ୍କ ଖାତାକୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ବିଷ୍ଣୁପ୍ରିୟା ଫାଉଣ୍ଡେସନ ତରଫରୁ ନିଃଶୁଳ୍କ ଅକ୍ସିଜେନ ଯୋଗାଣ ଲୋକାର୍ପଣ

ଭୁବନ: ମହାମାରୀ କରୋନାରେ ଅକ୍ସିଜେନ ଅଭାବରୁ ଶହ ଶହ ରୋଗୀ ମୃତ୍ୟୁ ବରଣ କରୁଥିବାରୁ ଭୁବନର ଜଣେ ବି ରୋଗୀ ଅକ୍ସିଜେନ ଅଭାବରୁ ଯେମିତି ନମରନ୍ତି ସେହି ସଂକଳ୍ପ ନେଇ ବିଷ୍ଣୁପ୍ରିୟା ଫାଉଣ୍ଡେସନ ତରଫରୁ ନିଃଶୁଳ୍କ ଅକ୍ସିଜେନ ଯୋଗାଣର ଲୋକାର୍ପଣ କରାଯାଇଛି । ବିଷ୍ଣୁପ୍ରିୟା ଫାଉଣ୍ଡେସନ ଆନୁକୂଲ୍ୟରେ ଏବଂ ଶ୍ରୀ ଜଗନ୍ନାଥ ଚାରିଟେବୁଲ ସହାୟତାରେ କାଳୀବଜାର ସ୍ଥିତ ବିଷ୍ଣୁପ୍ରିୟା ଗାଲାକ୍ସି ଠାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବ ରେ ତହସିଲଦାର ପ୍ରଭାସ କୁମାର ବେହୁରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଉଦ୍ୟୋଗୀ ତଥା ସମାଜସେବୀ ଶୁଭେନ୍ଦୁ ସାହୁଙ୍କ ଏହି ମହତ ତଥା ନିଆରା ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସର୍ବଦା ଭୁବନବାସୀଙ୍କ ପ୍ରତି ସମର୍ପିତ ବ୍ୟକ୍ତି ଶୁଭେନ୍ଦୁ ବାବୁଙ୍କ ସଂକଳ୍ପ ଓ ସେବା ସାରା ଜିଲ୍ଲା ପାଇଁ ଏକ ଅନନ୍ୟ ଉଦାହରଣ ବୋଲି ତହସିଲଦାର ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ସାଂସଦ ମହେଶ ସାହୁଙ୍କ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର,ସମ୍ମାନୀତ ଅତିଥି ଭାବେ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି, ମହିଳା ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ ଦାସ, ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆକାଉଣ୍ଟସ ମ୍ୟାନେଜର ଦିଲ୍ଲୀପ କୁମାର ଦାସ, ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଉପଦେଷ୍ଟା ଗୋପୀନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀ କୁଞ୍ଜବିହାରୀ ଚିନରା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ନିରଞ୍ଜନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଭୁବନ ଏନଏସି ସମେତ ସର୍ବାଧିକ ୧୫ କିମି ଦୂରତା ମଧରେ ନିଃଶୁଳ୍କ ଅକ୍ସିଜେନ ସେବା ମିଳପାରିବ ବୋଲି କୁହାଯାଇଥିଲା । ଏହି ଅବସରରେ ଯୁବ ସମାଜସେବୀ ଅମ୍ବୁଜ କୁମାର ସାହୁ ଦଶ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ପଣ୍ଡିତ ମାତୃପ୍ରସାଦ ମିଶ୍ର ଏକ ଅକ୍ସିମିଟର ଦାନ କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୩୪୨ କରୋନା ପଜିଟିଭ ଚିହ୍ନଟ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାରୁ ଆରମ୍ଭ କରି ଗ୍ରାମାଚଂଳ ସର୍ବତ୍ର କରୋନା ମହାମାରୀ କାୟା ବିସ୍ତାର କରିଚାଲିଛି । ଏହି ସମୟରେ ଜୁନ୍ ପହିଲାରେ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୮,୭୩୫ କରୋନା ପଜିଟିଭ କେଶ ମଧରେ ମୟୂରଭଞ୍ଜ ଜିଲ୍ଲାରୁ ଗତ ୨୪ ଘଂଟା ମଧରେ ୩୪୨ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥି ସହ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୨୮,୪୬୧ରେ ପହଁଚିଛି । ସେହିପରି ମଇ ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରୁ ୮୬.୮୦ ପ୍ରତିଶତ ହାରରେ ୨୪,୭୦୩ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ପୂର୍ବାହ୍ନ ସୁଦ୍ଧା ୧୨.୮୭ ପ୍ରତିଶତ ହାରରେ ୩,୬୬୩ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ଼ କେୟାର ସେଂଟର, କୋଭିଡ଼ ହସପିଟାଲ, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି ଏବଂ ମଇ ୨୯ ତାରିଖ ପର୍ଯ୍ୟନ୍ତ ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲାରୁ ୦.୩୩ ପ୍ରତିଶତ ହାରରେ ମୋଟ୍ ୯୫ ଜଣଙ୍କର ମୃତ୍ୟୁ ହୋଇଥିବାର ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି । ପ୍ରକାଶ ଥାଉକି, ୨୦୨୦ ମଇ ୭ରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକର ସରକାରୀ ସଙ୍ଗରୋଧ କେନ୍ଦ୍ରରୁ ପ୍ରଥମ ଥର ୪ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସମୟରେ ବହଳଦା ବ୍ଲକର ସସୋ ଅଂଚଳରୁ ଜଣେ ମହିଳା ସ୍ଥାନୀୟ ସଂକ୍ରମଣରୁ ପଜିଟିଭ ଚିହ୍ନଟ ହୋଇଥିଲେ । ୨୦୨୦ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୬୫୧ ରହିଥିବା ବେଳେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ ସଂଖ୍ୟା ୩ ହଜାର ୪୪୨ରେ ପହଁଚିଥିଲା । ଏହାପରେ କେବଳ ୨୦୨୦ ଅଗଷ୍ଟ ମାସରେ ୨,୭୯୧ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ସେହିପରି କେବଳ ଗତ ୨୦୨୧ ସେପ୍ଟେମ୍ବର ମାସରେ ଜିଲ୍ଲାରୁ ମୋଟ ୪,୬୧୫ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅକ୍ଟୋବର ମାସରେ ମୟୂରଭଞ୍ଜ ଜିଲ୍ଲାରୁ ୩,୨୭୫ ପଜିଟିଭ, ନଭେମ୍ବରରେ ୧,୮୭୭ ପଜିଟିଭ, ଡ଼ିସେମ୍ବରରେ ୬୨୩, ୨୦୨୧ ଜାନୁଆରୀରେ ୨୬୦, ଫେବୃଆରୀରେ ୧୦୦, ମାର୍ଚ୍ଚରେ ୨୩୬ ଚିହ୍ନଟ ହୋଇଥିଲେ ଏବଂ ଡ଼ିସେମ୍ବର ମାସଠାରୁ ସଂକ୍ରମିତମାନଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବା ଆରମ୍ଭ କରିଥିଲା । ଏହି ସମୟରେ ଚଳିତ ଏପ୍ରିଲ ମାସଠାରୁ ଜିଲ୍ଲାରେ କରୋନା ଗ୍ରାଫ ଉପର ମୁହାଁ ହୋଇଥିଲା । ଗତ ଏପ୍ରିଲରେ ଜିଲ୍ଲାରୁ ୨,୬୧୧ ଜଣ ଏବଂ ମଇ ମାସରେ ସର୍ବକାଳୀନ ରେକର୍ଡ଼ ସଂଖ୍ୟକ ୧୧,୦୮୦ ଜଣ କୋଭିଡ଼-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ । ସେହିପରି ଗତ ୨୦୨୦ ସେପ୍ଟେମ୍ବର ୩ରେ ଜିଲ୍ଲାରୁ ସର୍ବାଧିକ ୩୬୫ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଚଳିତ ମଇ ମାସ ସମସ୍ତ ରେକର୍ଡ଼କୁ ଭାଙ୍ଗି ଦେଇଥିଲା । ଜିଲ୍ଲାରୁ ମଇ ୧୩ରେ ୪୦୪, ୧୪ରେ ୪୮୦, ୧୯ରେ ୫୦୭, ୨୦ରେ ୫୩୮, ୨୧ରେ ୫୪୬, ୨୨ରେ ୬୩୫, ୨୪ରେ ୬୬୨ ଏବଂ ୩୦ରେ ୬୯୫ ପଜିଟିଭ ଚିହ୍ନଟ ହୋଇଥିଲେ ।

# ରସୁଲପୁର ବ୍ଲକରେ ବିଜେଡିର ଗୋଷ୍ଠୀ କନ୍ଦଳ ପଦାରେ ପଡିଲା, ଆଗାମୀ ପଂଚାୟତ ନିର୍ବାଚନରେ ବିଜେଡିକୁ ଭାରି ପଡିବ

ଧର୍ମଶାଳା: ଯାଜପୁର ଜିଲା ବରୀ ନିବାଚନ ମଣ୍ଡଳୀ ରସୁଲପୁର ବ୍ଲକରେ ବିଜେଡି ଗୋଷ୍ଠୀ କନ୍ଦଳ ପଦାରେ ପଡିଛି । ଯାରହାକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଆଗାମୀ ପଂହଚାୟତ ନିର୍ବାଚନରେ ବିଜେଡିକୁ ଭାରି ପଡିବ ବୋଲି ରାଜନୈତିକ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି । ଆଜି ଏହି ରସୁଲପୁର ବ୍ଲକର ସମିତି ସଭ୍ୟ ଓ ସଭ୍ୟାମାନେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ କାର୍ଯ୍ୟକଳାପକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବରୀ ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ ମସିହାରେ ଦଳୀୟ ପ୍ରାର୍ଥୀ ବରୀ ବିଧାୟିକାଙ୍କୁ ବିପୁଳ ପରିମାଣର ସମର୍ଥନ ଜଣାଇ ବିଜୟ କରାଇବାରେ ମୁଖ୍ୟ ଭୂମିକା ଲିଭାଇଥିଲେ । ବିଧାୟିକା ଜିତିବା ପରେ ସେମାନଙ୍କୁ ଅଣ ଦେଖା କରିଥିଲେ । ଅନ୍ୟପକ୍ଷେ ସମିତି ସଭ୍ୟସଭ୍ୟାମାନଙ୍କୁ ପଂଚାୟତରେ କୌଣସି ବିକାଶ କାମରେ ସହଯୋଗ କରୁ ନଥିବା ବେଳେ ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ବାଧା ଉପୁଜିଛି । ଏବଂ ବିଜେପିରୁ ଆସିଥିବା କର୍ମୀମାନଙ୍କୁ ଗୁରୁତ୍ୱ ଦେଉଛନ୍ତି । ତେଣୁ ସେମାନଙ୍କ କ୍ଷମତା ଓ ସମ୍ମାନ ଉପରେ ପ୍ରଭାବ ପଡିବା ସହ ସିଧା ସଳଖ ବିଜେଡି ଉପରେ ମଧ୍ୟ ପ୍ରଭାବ ପଡୁଛି । ବିଧାୟିକଙ୍କ ସ୍ୱାମୀ ପିସି କାରବାରରେ ସମ୍ପୃକ୍ତ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ,ବିଜେଡିର ସଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିକଟରେ ଦାବି କରିବା ସହ ବିଧାୟିକା ଓ ତାଙ୍କ ସ୍ୱାମୀଙ୍କ କବଳରୁ ବରୀ ବିଜେଡିକୁ ରକ୍ଷା କରିବାକୁ ଅନୁରୋଧ କରିଛନ୍ତି । ଯଦି ସେମାନଙ୍କୁ ନ୍ୟାୟ ନ ମିଳିଲେ ସମସ୍ତେ ନବୀନ ନିବାସକୁ ଯାଇ ଦଳରୁ ଇସ୍ତଫା ଦେବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି । ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି । ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ । ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି । ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି । ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି । ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି । ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି । ଯାହାଦ୍ୱାରା ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି । ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି । ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ । ରିନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି । ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ । ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ । ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ । ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ । ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ ।




# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ କୁ ବୃଦ୍ଧି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାରୁ ଆଜି ନୂଆ ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ କୁ ବୃଦ୍ଧି । ୬୨୫ ନମୂନା ସଂଗ୍ରହ ପରେ ର୍‍ୟାପିଡ୍ ଆଂଟିଜେନ ଓ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା । ଏହି ପରୀକ୍ଷାରୁ ୬ଟି ରିପୋର୍ଟ ପଜିଟିଭ୍ ଆସିଥିଲା । ଅନ୍ୟ ୩ ଜଣ ଜିଲ୍ଲା ବାହାରେ ହସ୍ପିଟାଲରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ / କୋଭିଡ୍ କେୟାର ସେଂଟରରେ ଭର୍ତ୍ତି କରାଯାଇଛି । ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି ।

ନୂଆ ଚିହ୍ନଟ ଏହି ୯ ଆକ୍ରାନ୍ତଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୩ ଜଣ ମହିଳା ରହିଛନ୍ତି । ଏମାନଙ୍କର ବୟସ ୨୧ ବର୍ଷରୁ ୫୩ ବର୍ଷ ମଧ୍ୟରେ ରହିଛି । ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରାଚଂଳରୁ ୨ ଜଣ, ମୋହନା ବ୍ଲକରୁ ୨ ଜଣ, ରାୟଗଡ଼ ବ୍ଲକରୁ ୨ ଜଣ ରହିଛନ୍ତି । ଏହା ବ୍ୟତୀତ ଜିଲ୍ଲା ବାହାରେ ୨ ଜଣ ଏବଂ ଆନ୍ଧ୍ରପ୍ରଦେଶର ଜଣେ ରହିଛନ୍ତି । ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ସମସ୍ତ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଜିଲ୍ଲା ବାହାରେ ହସ୍ପିଟାଲରେ ଅନ୍ୟ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହା ବ୍ୟତୀତ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ କୋଭିଡ୍ ଯୋଦ୍ଧା ରହିଛନ୍ତି । ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୩ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

# ଅବଦୁଲ ବାରୀଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ପକ୍ଷରୁ ଶୋକ

କେନ୍ଦ୍ରାପଡ଼ା : ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ପୂର୍ବତନ ଅଧ୍ୟକ୍ଷ ସେକ ଅବଦୁଲ ବାରୀଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ସ୍ୱର୍ଗତ ବାରୀ ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗରେ ଦୀର୍ଘବର୍ଷ ଧରି ନିଷ୍ଠାର ସହିତ କାର୍ଯ୍ୟକରି ସଂଖ୍ୟାଲଘୁ ବିଭାଗର ବିଭିନ୍ନ ସମସ୍ୟାର ସମାଧାନ କରି ସଂଖ୍ୟାଲଘୁ ବିଭାଗକୁ ଜାଗ୍ରତ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାକୁ ବିଭିନ୍ନ ସମୟରେ ଆସି କଂଗ୍ରେସ ନେତା ଓ କର୍ମୀମାନଙ୍କ ସହିତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ସୟଦ ଅବଦୁଲ ସତ୍ତାର, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଦେବେନ୍ଦ୍ର ଶର୍ମା, ପିସିସି ସମ୍ପାଦକ ମହମ୍ମଦ ଆକବର ଅଲ୍ଲୀ , ପିସିସି ସମ୍ପାଦକ ତଥା ଶ୍ରମିକ ନେତା ମୁକ୍ତାର ଖାଁ, ସରପଞ୍ଚ ପ୍ରଦ୍ୟୁମ୍ନ ଜେନା, ପୀତବାସ ବେହେରା, ସିପିଆଇ(ଏମ) ନେତା ଗୟାଧର ଧଳ, ଯୁବନେତା ସଞ୍ଜୟ ରାଉତ, ଫକିର ଚରଣ ଖଟୁଆ, ପୂର୍ବତନ କାଉନସିଲର ହିବଜୁର ରହେମାନ, ଶରତ ବେହୁରା, ସୌମେନ୍ଦ୍ର ପୃଷ୍ଟି, ବିଧୁଭୂଷଣ ମହାପାତ୍ର, ସମ୍ବିତ ଶ୍ରୀଚନ୍ଦନ, ମୀର ମୁର୍ଶିଦ, ମହମ୍ମଦ ଏହିୟା, ମହମ୍ମଦ ୟାସିର, ସେକ ଟିକା, ସେକ ଅକ୍ତର, ସେକ ଅଜହରଙ୍କ ସମେତ ଜିଲ୍ଲା କଂଗ୍ରେସର ସମସ୍ତ କର୍ମକର୍ତ୍ତାମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଉଁଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ୍ୟ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖିଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

# ଜଳ ଓ ଭୂ ସମ୍ପଦର ସମନ୍ୱିତ ପରିଚାଳନା ନିମନ୍ତେ ଉତ୍ସର୍ଗୀକୃତ ପ୍ରମୁଖ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ୱାଲ୍ମୀର ୪୧ ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର: ଭୁବନେଶ୍ୱର-କଟକ ରାସ୍ତାରେ ପ୍ରତାପ ନଗରୀସ୍ଥିତ ଜଳ ଓ ଓ ଭୂ ସମ୍ପଦର ସମନ୍ୱିତ ପରିଚାଳନା ନିମନ୍ତେ ଉତ୍ସର୍ଗୀକୃତ ପ୍ରମୁଖ ତାଲିମଓ ଗବେଷଣା ପ୍ରତିଷ୍ଠାନ( ୱାଲ୍ମୀ)ର ୪୧ ତମ ପରିଚାଳନା ପରିଷଦ ବୈଠକ (ଗଭର୍ଣ୍ଣିଂ କାଉନ୍ସିଲ୍ ମିଟିଂ) ସୋମବାର ଦିନ ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ହୋଇଯାଇଛି । ୱାଲ୍ମୀର ସଭାପତି ରାଜ୍ୟ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୱାଲ୍ମୀର ନିର୍ଦ୍ଦେଶକ ଇଂ. ବିଶ୍ୱମୋହନ ଆଚାର୍ଯ୍ୟଙ୍କ ସମେତ ପରିଚାଳନା ପରିଷଦର ୧୫ ଜଣ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ୱାଲ୍ମୀରେ କାର୍ଯ୍ୟରତ ୧୫୩ ଜଣ କର୍ମଚାରୀଙ୍କର ବହୁ ପ୍ରତୀକ୍ଷିତ ୭ମ ବେତନ କମିଶନ ସୁପାରିଶ ଅନୁସାରେ ବେତନ ପ୍ରଦାନ ନେଇ ରହିଥିବା ପ୍ରସ୍ତାବକୁ ପରିଚାଳନା ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତି ନିଆଯାଇଛି । ଏଥି ସହିତ ପ୍ରତିଷ୍ଠାନରେ କାର୍ଯ୍ୟରତ ପରିସଂଖ୍ୟାନ ସହାୟକ(ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ) ପଦବୀର ନାମକରଣକୁ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ବିଜ୍ଞପ୍ତି ସଂଖ୍ୟା ୫୮ ତା-୦୩.୦୧.୨୦୧୮ ଅନୁସାରେ ପରିବର୍ତ୍ତନ କରାଯାଇ ସହକାରୀ ପରିସଂଖ୍ୟାନ ଅଧିକାରୀ( ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଫିସର) କରାଯାଇଛି । ବୈଠକରେ ପୂର୍ବରୁ ଅନୁଷ୍ଠିତ ପରିଷଦ ବୈଠକର ନିଷ୍ପତିର କାର୍ଯ୍ୟାନୁଷ୍ଠାନ, ୱାଲ୍ମୀରେ ତାଲିମ ପ୍ରଦାନରେ ସଫଳତା, ୨୦୨୧-୨୨ରେ ଏହି ପ୍ରତିଷ୍ଠାନରେ କାର୍ଯ୍ୟକ୍ରମ ଯୋଜନା, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଆଦି ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା । ପ୍ରକାଶ ଥାଉକି, ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ନଭେମ୍ବର ମାସ ୨୭ ତାରିଖରେ ୱାଲ୍ମୀରେ ଭର୍ଚୁଆଲ ବ୍ୟବସ୍ଥାରେ ପ୍ରଶିକ୍ଷଣ ବ୍ୟବସ୍ଥାର ଶୁଭାରମ୍ଭ କରିବାକୁ ଏହି ପ୍ରତିଷ୍ଠାନକୁ ଗସ୍ତ ଅବସରରେ ଏଠାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି, ତାଲିମ ଓ ଗବେଷଣା କ୍ଷେତ୍ରରେ ଏହାକୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ) ରେ ପ୍ରତିଷ୍ଠିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ତଦନୁସାରେ ୱାଲ୍ମୀରେ ଭିତିଭୂମିରେ ଉନ୍ନତି, ସବୁ ପ୍ରକୋଷ୍ଠରେ କମ୍ପ୍ୟୁଟରୀକରଣ ବ୍ୟବସ୍ଥା, ସମସ୍ତ କର୍ମଚାରୀଙ୍କୁ କମ୍ପ୍ୟୁଟର ସୁବିଧା ସହ ହାଇସ୍ପିଡ୍ ଇଣ୍ଟରନେଟ୍ ବ୍ୟବସ୍ଥା ଏବଂ ସିସିଟିଭି ସର୍ବେକ୍ଷଣ ବ୍ୟବସ୍ଥା କରାଯାଇଛି । ୱାଲ୍ମୀରେ ପ୍ରତିବର୍ଷ କୃଷକ, ପାଣିପଂଚାୟତର କର୍ମକର୍ତ୍ତା, ଚାକିରୀରେ ଥିବା କନିଷ୍ଠ ଓ ବରିଷ୍ଠ ଯନ୍ତ୍ରୀ, ଅନ୍ୟରାଜ୍ୟରୁ କୃଷକ ଓ ଯନ୍ତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି । ୨୦୧୯-୨୦ ବର୍ଷରେ ଏଠାରେ ୫୯୪୨ ଜଣ, ୨୦୨୦-୨୧ରେ ୯୩୯୬ ଜଣ ପ୍ରଶିକ୍ଷାର୍ଥୀ ତାଲିମ ନେଇଛନ୍ତି ଏବଂ ୨୦୨୧-୨୨ ବର୍ଷରେ ଏହି ପ୍ରତିଷ୍ଠାନରେ ଜଳ ସମ୍ପଦ ବିଭାଗରେ ନବ ନିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୨୮,୧୧୦ ଜଣ ପ୍ରଶିକ୍ଷାର୍ଥୀ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି ।

# ମିଳିତ ନାଗରିକ କମିଟି ପକ୍ଷରୁ କରୋନା ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି

କନ୍ଧମାଳ:ଦ୍ୱିତୀୟ ପର୍ଯ୍ୟାୟ କରୋନାର ଭୟାଭୟତାକୁ ଦୃଷ୍ଟିରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ସରକାର କୋଭିଡି ନିୟନ୍ତ୍ରଣ ପାଇଁ ଯତପରୋନାସ୍ତି ପଦକ୍ଷେପମାନ ଗ୍ରହଣ କରି କରୋନା ନିୟନ୍ତ୍ରଣ ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଯାହା ସ୍ୱାଗତ ଯୋଗ୍ୟ କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟର କରୋନା ବିଭୀଷିକାକୁ ସାମାଜିକ ଗଣମାଧ୍ୟମ ଓ ଗଣମାଧ୍ୟମ ଜନସାଧାରଣଙ୍କ ଆଗରେ ରଖି ସାରିଥିଲା ବେଳେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ପକ୍ଷରୁ କରୋନା ସଂକ୍ରମଣ ଓ କରୋନା ମୃତ୍ୟୁ ଅଣ୍ଡର ରିପୋର୍ଟ କରିବାକୁ ଜନସାଧାରଣ ଅବିଶ୍ୱାସ ଓ ନାପସନ୍ଦ କରୁଛନ୍ତି । ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରକୃତ ତଥ୍ୟ ଦେବାକୁ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି । କରୋନା ମହାମାରୀର ବାସ୍ତବ ଚିତ୍ର ଅଲଗା ଥିବାରୁ ଅମାନିଆ ମାନେ ଏହାର ଗୁରତ୍ୱ ଉପଲବ୍ଧି ନକରି ଖାମ ଖିଆଲ ଭାବି ଅଯଥା ବୁଲାବୁଲି କରି କରୋନା ସଂକ୍ରମଣ ବଢ଼ାଉଥିବା ଜଣାପଡୁଛି ଦେଶର ସଭ୍ୟତା ଓ ମାନବିକତା ଦୃଷ୍ଟିରୁ ଜାଣିଶୁଣି ଭୁଲ ତଥ୍ୟ ଦେବା ଏକ ଧର୍ତବ୍ୟ ଦଣ୍ଡନୀୟ ଅପରାଧ । ଏହି ମହାମାରୀ ସମୟରେ ମୃତକ ପରିବାରକୁ ସାଧୁତା,ସଚ୍ଚୋଟତା ଓ ଆନ୍ତରିକତାର ସହ ମୃତ୍ୟୁ ସାର୍ଟିଫିକେଟରେ କାରଣ ଲେଖିକରି ଦେବା ଆବଶ୍ୟକ । କରୋନା ମହାମାରୀ ଏକ ବିପର୍ଯ୍ୟୟ ହୋଇଥିବାରୁ ବିପର୍ଯ୍ୟୟ ପରିଚାଳନା ଧାରା ୧୨(୩)ଅନୁଯାୟୀ କୋଭିଡ ମୃତକ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ତୁରନ୍ତ ବ୍ୟବସ୍ଥା କରିବା ଆବଶ୍ୟକ । ଅବଶ୍ୟ ସେଥିପାଇଁ ସୌରଭ ବନ୍ସଲ ନାମକ ଜଣେ ଆଇନଜୀବି ସୁପିମକୋର୍ଟରେ ଏକ କେସ ଫାଇଲ କରିଥିବା ଜଣାପଡିଛି । କୋଭିଡ ହସପିଟାଲ ଚିକିତ୍ସାରେ ରୋଗୀମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ନୟମିତ ବ୍ୟବଧାନରେ ଏକ ନିରପେକ୍ଷ ଟିମ୍ ଦ୍ୱାରା ପରିଦର୍ଶନ ଓ ତଦନ୍ତ ତୁରନ୍ତ ଆରମ୍ଭ ହେବା ଆବଶ୍ୟକ । ଯାହା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆଜି ପର୍ଯ୍ୟନ୍ତ ଲଗାଯାଇ ନଥିବା ସିସିଟଭି ଲଗାଇବା ଫଳରେ ରୋଗୀଙ୍କ ସମ୍ପର୍କୀୟ ମାନେ ପ୍ରତୀକ୍ଷାଳୟରେ ରହି ନିକଟ ସମ୍ପର୍କୀୟ କିମ୍ବା ବାପା ମାଆଙ୍କୁ ଦିଆଯାଉଥିବା ସେବା ସମ୍ପର୍କରେ ଅବଗତ ହୋଇପାରିବେ ଏବଂ ହେଲପ ଲାଇନ ନମ୍ବରରେ କିଛି ଅସୁବିଧା ଥିଲେ ଯୋଗାଯୋଗ କରିପାରିବେ । ଯାହା ଫଳରେ ପରବର୍ତ୍ତି ସମୟରେ କୌଣସି ଅଭିଯୋଗ କରିପାରିବେ ନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫ଟିର ସ୍ୱତନ୍ତ୍ର ସଚିବ ତୁରନ୍ତ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅବ୍ୟବସ୍ଥାକୁ ସଜାଡିବାକୁ ପଦକ୍ଷେପ ନେବାକୁ ମିଳିତ ନାଗରିକ କମିଟି କନ୍ଧମାଳର ସଭାପତି ଡ.ଅରୁପ କୁମାର ଜେନା ଓ ଆବାହକ ଅଶୋକ ପରିଡା କମିଟି ପକ୍ଷରୁ ଅନୁରୋଧ କରିଥିବା ଜଣାଯାଏ ।

# ଅବଦୁଲ ବାରୀଙ୍କ ବିୟୋଗରେ ପିସିସି କାର୍ଯ୍ୟାଳୟରେ ଶୋକସଭା

ଭୁବନେଶ୍ୱର:ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ପୂର୍ବତନ ଅଧ୍ୟକ୍ଷ ଅବଦୁଲ ବାରୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ମାଝୀ କହିଛନ୍ତି ଯେ ସ୍ୱର୍ଗତ ଅବଦୁଲ ବାରୀଙ୍କ ବିୟୋଗ ଆମ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କର ସମାଜସେବା ଏବଂ କଂଗ୍ରେସ ଦଳରେ ତାଙ୍କର ସାଂଗଠନିକ କାର୍ଯ୍ୟକ୍ରମ ପାଇଁ ସେ ଆମନିକଟରେ ସ୍ମରଣୀୟ ହୋଇ ରହିବେ । ସେ ଦୀର୍ଘବର୍ଷ ଧରି ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ଦାୟିତ୍ୱ ବହନ କରିଥିଲେ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ କିପରି ସୁରକ୍ଷିତ ରହିବେ ଏବଂ ନ୍ୟାୟପ୍ରାପ୍ତ ହେବେ ସେ ଦିଗରେ ତାଙ୍କର ଉଦ୍ୟମ ଓ କାର୍ଯ୍ୟକ୍ରମ ପ୍ରଶଂସନୀୟ ଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ ଯେ ସ୍ୱର୍ଗତ ଅବଦୁଲ ବାରୀଙ୍କ ସହ ତାଙ୍କର ଦୀର୍ଘ ୪୦ ବର୍ଷର ସଂପର୍କ । ସେ କେବଳ ଜଣେ ରାଜନେତା ନୁହେଁ ଜଣେ ଉଚ୍ଚକୋଟୀର ସମାଜସେବୀ ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ । ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲିପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି । ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି । ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

# ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,(ପିଏନ)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୁକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧାପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।






# ବେଦାନ୍ତ ପକ୍ଷରୁ କର୍ମଚାରୀ ଓ ପରିବାର ସଦସ୍ୟଙ୍କ ପାଇଁ ଟୀକାକରଣ କାର୍ଯ୍ୟକ୍ରମ




ଭୁବନେଶ୍ୱର : ବେଦାନ୍ତ ତାର କର୍ମଚାରୀମାନଙ୍କ ସୁସ୍ଥତା ଓ କଲ୍ୟାଣ ପାଇଁ ପ୍ରତିଶ୍ରୁତି ସ୍ୱରୂପ କର୍ମଚାରୀ, ସେମାନଙ୍କ ପରିବାର ଓ ବ୍ୟବସାୟିକ ସହଯୋଗୀ ମାନଙ୍କ ପାଇଁ ଏକ ବିଶାଳ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛି। କମ୍ପାନି ୫୦,୦୦୦ ଡୋଜର ଟୀକା ପ୍ରାପ୍ତ କରିଛି ଓ ଏହାକୁ ବ୍ୟବସାୟିକ ୟୁନିଟରେ କର୍ମଚାରୀ, ପରିବାର ସଦସ୍ୟଙ୍କୁ ଦିଆଯିବ। ଏହା ବ୍ୟତୀତ ବେଦାନ୍ତ ଆହୁରି ୨ ଲକ୍ଷ ଡୋଜ ସଂଗ୍ରହ କରି ଟୀକାକରଣ କାର୍ଯ୍ୟକ୍ରମକୁ ସଂପୁର୍ଣ୍ଣ କରିବାକୁ ଯୋଜନା ରଖିଛି, ଯେଉଁଥିରେ ବ୍ୟବସାୟିକ ସହଯୋଗୀଙ୍କ ସହ ସେମାନଙ୍କ ପରିବାରର ସଦସ୍ୟଙ୍କୁ ଟୀକାଦାନ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ୧.୨ରୁ ଅଧିକ ଲୋକ ଟୀକା ଗ୍ରହଣ କରିପାରିବେ। ଏହି ପଦକ୍ଷେପର ଅଂଶ ସ୍ୱରୂପ ବେଦାନ୍ତର ଆଲୁମିନିୟମ ଡିଭିଜନ ଯିଏକି ଭାରତର ବୃହତ ଆଲୁମିନିୟମ ହବ୍ ଓ ମୂଲ୍ୟଯୁକ୍ତ ଉତ୍ପାଦ ଏହାର ଓଡ଼ିଶା ଅପରେଶନ ପାଇଁ ୧୮୦୦୦ ଯୋଗ୍ୟ ସଦସ୍ୟଙ୍କ ସହ କର୍ମଚାରୀ, ପରିବାର ଓ ବ୍ୟବସାୟିକ ସହଯୋଗୀଙ୍କୁ ଟୀକାଦାନ କରିବ। ପ୍ରଥମ ଦିନରେ କଳାହାଣ୍ଡିର ଲାଂଜିଗଡ଼ଠାରେ ଥିବା ଏହାର ଆଲୁମିନା ରିଫାଇନାରୀ ଏବଂ ଝାରସୁଗୁଡ଼ାରେ ଥିବା ବେଦାନ୍ତ ଆଲୁମିନିୟମ ସ୍ମେଲଟରରେ ୧୧୦୦ରୁ ଅଧିକ ଲୋକଙ୍କୁ ଟୀକା ଦିଆଯାଇଥିଲା। କର୍ମଚାରୀଙ୍କ ସର୍ବବିଧ କଲ୍ୟାଣ ବେଦାନ୍ତର ମୂଳ ଲକ୍ଷ୍ୟ। ଏଥିପାଇଁ କମ୍ପାନି ସବୁବେଳେ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତା ବିଶେଷ କରି ଏହି ମହାମାରୀ ସମୟରେ ସେମାନଙ୍କ ଯତ୍ନ ପ୍ରତି ଗୁରୁତ୍ୱ ପ୍ରଦାନ କରୁଛି। ବେଦାନ୍ତର ପରିବାରଙ୍କୁ ଟୀକା ପ୍ରଦାନ ପାଇଁ କମ୍ପାନି ପକ୍ଷରୁ ପ୍ରାୟ ୧୨.୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।ବେଦାନ୍ତର ଚେୟାରମ୍ୟାନ କହିଛନ୍ତିଯେ ବେଦାନ୍ତର ପ୍ରତିଟି କର୍ମଚାରୀ ଓ ଏହାର ବ୍ୟବସାୟିକ ସହଯୋଗୀଙ୍କ ସ୍ୱାସ୍ଥ୍ୟ ଓ ନିରପତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମର ଟୀକାକରଣ ଅଭିଯାନ ଦ୍ୱାରା ୧୦୦ ପ୍ରତିଶତ ଲୋକମାନଙ୍କୁ ଟୀକାଦାନ କରାଯାଇ ପାରିବ। ଦେଶରେ ଟୀକାକରଣ ଅଭିଯାନ କାର୍ଯ୍ୟକ୍ରମରେ ଆମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସହଯୋଗ ଜାରୀ ରଖିଛୁ। ଏହି ଉପଲକ୍ଷେ କର୍ମଚାରୀ ଓ ସେମାନଙ୍କ ପରିବାରର ନିରାପତା ପାଇଁ କମ୍ପାନି ଏକ ସର୍ବୋତ୍କୃଷ୍ଟ ମାନର ଟର୍ମ ଲାଇଫ ଇନସ୍ୟୁରାନଓ ପଲିସି ପ୍ରଦାନ ଲାଗି ବ୍ୟବସ୍ଥା କରୁଛି ଯେଉଁଥିରେ ଗ୍ରୁପର ସମସ୍ତ ଏକଜିକ୍ୟୁଟିଭ ମାନଙ୍କୁ ସାମିଲ କରାଯିବ ଏହି ପଲିସିରେ କର୍ମଚାରୀଙ୍କୁ ୫ର ଗୁଣିତକ ଧାର୍ଯ୍ୟ ବେତନ ଯାହାକି ୫ ବର୍ଷ ପାଇଁ ବାର୍ଷିକ ବେତନ ସହ ସମାନ ଅର୍ଥ ମିଳିପାରିବ। ଏହି ଟର୍ମ ଇନସ୍ୟୁରାନଓ କର୍ମଚାରୀଙ୍କ ଦୁର୍ଭାଗ୍ୟଜନକ ବିୟୋଗ କ୍ଷେତ୍ରରେ ସେମାନଙ୍କ ନିର୍ଭରଶୀଳଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ ସହ ମେଡିକ୍ଲେମ ଓ ଜରୁରୀ କାଳୀନ ଗ୍ରୁପ ବ୍ୟକ୍ତିଗତ ଦୁର୍ଘଟଣା ଇନସୁରାନସ ପ୍ରଦାନ କରିବ।ମେଡିକାଲ ଇନସ୍ୟୁରାନସରେ ମଧ୍ୟ ୧.୫ ଗୁଣା ବୃଦ୍ଧି ବ୍ୟବସ୍ଥା ଅଛି। ଯୋଗ୍ୟତା ଅନୁସାରେ କର୍ମଚାରୀମାନେ ଏହି ବୀମା ସୁବିଧା ଲାଭ କରିପାରିବେ।ସାରା ଦେଶରେ କୋଭିଡ ରୋଗୀଙ୍କ ପାଇଁ ୧୦ ବେଦାନ୍ତ କେୟାର ଫିଲ୍ଡ ହସପିଟାଲ କାର୍ଯ୍ୟକରୁଛି। ଏହି ଫିଲ୍ଡ ହସପିଟାଲ ପ୍ରକଳ୍ପ-ଅନିଲ ଅଗ୍ରୱାଲ ଫାଉଣ୍ଡେସନର ଏକ ପଦକ୍ଷେପ ଦିଲ୍ଲୀ ଏନସିଆର, ଛତିଶଗଡ଼, ରାଜସ୍ଥାନ, କର୍ଣ୍ଣାଟକ, ଓଡ଼ିଶା, ଝାଡ଼ଖଣ୍ଡ, ଓ ତାମିଲନାଡୁରେ କାର୍ଯ୍ୟ କରୁଛି।

## ଆର.ଆଇ.ଏନ୍.ଏଲ୍.ର ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ହେଲେ କିଶୋର ଚନ୍ଦ୍ର ଦାସ

ବଡ଼ବିଲ: ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ଼ରେ କାର୍ଯ୍ୟରତ ନିର୍ଦ୍ଦେଶକ ଶ୍ରୀ କିଶୋର ଚନ୍ଦ୍ର ଦାସ ଦିନାଙ୍କ ୦୧.୦୬.୨୦୨୧ ରିଖରେ ଆର.ଆଇ.ଏନ୍.ଏଲ୍.ର ନିର୍ଦ୍ଦେଶକ ସହ ଅତିରିକ୍ତ ଭାବେ କମ୍ପାନୀର ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ପଦଭାର ଗ୍ରହଣ କରିଅଛନ୍ତି। ଶ୍ରୀ ଦାସ ୨୦୧୭ ମସିହା ଜାନୁୟାରୀ ମାସ ୧ ତାରିଖରେ ଆର. ଆଇ.ଏନ୍.ଏଲରେ ଯୋଗଦାନ କରିଥିଲେ। ସେ ଆର.ଆଇ.ଏନ୍.ଏଲ୍ ଅଧିନସ୍ଥ ସଂସ୍ଥା ଓ ଏମ୍.ଡ଼ି.ସି. ଓ ବି.ଏସ୍.ଏଲ.ସି. ବୋର୍ଡ଼ରେ ସଦସ୍ୟ ମଧ୍ୟ ରହିଛନ୍ତି। ବି.ଏସ୍.ଏଲ.ସି. ଖଣିକୁ ପୁନରୁଦ୍ଧାର କରିବା ଏବଂ ଓ ଏମ୍.ଡ଼ି.ସି. ଗଣିକୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଅଛନ୍ତି। ଏଥିପୂର୍ବରୁ ରକ୍ଷା ମନ୍ତ୍ରାଳୟ ଅଧିନସ୍ଥ ମଝିଗାଉଁ ଡକ୍ ସିପ୍ ବିଲଡ଼ର୍ସ ଲିମିଟେନ କେନ୍ଦ୍ର ସରକାରଙ୍କ ଉପକ୍ରମରେ ୫ ବର୍ଷ କାର୍ମିକ ନିର୍ଦ୍ଦେଶକ ରୂପେ ସୁଚାରୁ ଭାବରେ କାର୍ଯ୍ୟ ସମ୍ପାଦନ କରିଅଛନ୍ତି। ମାନବ ସଂସାଧନ ପ୍ରବନ୍ଧନରେ ଦୀର୍ଘ ୩୩ ବର୍ଷର ପ୍ରମୁଖ ଯୋଗଦାନ ରହିଛି। ସେ ଗେଲ୍‌ରେ ମଧ୍ୟ କାର୍ଯ୍ୟ କରିଅଛନ୍ତି। ତାଙ୍କର ସତ୍ୟବାଦିତା, କଠୋର ପରିଶଅମ, ପ୍ରତିବଦ୍ଧତା, ନିଷ୍ଠା ଓ ଦୂରଦର୍ଶୀତା ଯୋଗୁଁ ଓ.ଏମ୍.ଡ଼ି.ସି. ପୁଣି ଥରେ ଉନ୍ନତି ତଥା ପ୍ରଗତିର ଶିଖରରେ ପହଂଚିପାରିବ ବୋଲି ଆଶା ପ୍ରକାଶ ପାଇଛି। ତାଙ୍କର ସି.ଏମ୍.ଡ଼ି ରୂପେ ଯୋଗଦାନ ଶ୍ରମିକ କର୍ମଚାରୀଭ୍ରକ ମନରେ ଖୁସିର ଲହରୀ ଖେଳାଇ ଦେଇଛି।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡ଼ା: ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀକୁ ଜେସିବି ମେସିନରେ ଭାଙ୍ଗିଦେବାକୁ ଉଦ୍ୟମ କରାଯାଉଥିବା ବେଳେ ସେହି ଘଟଣାକୁ ବିରୋଧ କରିବାରେ ଜନୈକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ପାଟକୁରା ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ସେହି ଘଟଣାରେ ପୋଲିସର ନିଷ୍କ୍ରୀୟତାକୁ ନେଇ ଶେଷରେ ଆରକ୍ଷୀ ଅଧିକ୍ଷକ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ନରଣପୁର ଗ୍ରାମରେ ଥିବା ଗ୍ରାମ୍ୟ ପାର୍କ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଗତ ଅପ୍ରେଲମାସ ୨୨ତାରିଖରେ ଏକ ଜେସିବି ମେସିନ ସହାଯ୍ୟରେ ଭାଙ୍ଗି ଦେବାକୁ ଉଦ୍ୟମ କରୁଥିବା ସେହି ଗ୍ରାମର ବିପିନ ବିହାରି ବାରିକ, ତାଙ୍କ ପୁଅ ଓ ଶଳାଙ୍କ ସମେତ ଅନ୍ୟକେତେକ ବ୍ୟକ୍ତିଙ୍କ ଏଭଳି ବେଆଇନ କାର୍ଯ୍ୟକୁ ସେହି ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତିଙ୍କ ପୁଅ ପ୍ରଦୀପ ବିରୋଧ କରିବା ସହିତ ଘଟଣାର ଫଟୋ ଉତ୍ତୋଳନ କରୁଥିବା ଦେଖି ଶ୍ରୀ ବାରିକଙ୍କ ସମେତ ଅନ୍ୟମାନେ ପ୍ରଦୀପଙ୍କ ତଣ୍ଟିଚିପି ଦେଇ ତାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିବା ସହ ତାଙ୍କ ଠାରୁ ମୋବାଇଲଟି ଛଡେଇ ନେଇଥିଲେ। ସେମାନଙ୍କ ଦ୍ୱାରା ଆଘାତପ୍ରାପ୍ତ ହୋଇଥିବା ପ୍ରଦୀପଙ୍କୁ ପାଟକୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ଦିବଂଗତ ସାମ୍ବାଦିକ ସଂଗ୍ରାମଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

କୋଣାର୍କ : କରୋନା ଯୁଦ୍ଧରେ ହାରି ଯାଇଥିବା କୋଣାର୍କର କାର୍ଯ୍ୟରତ ଦୈନିକ ଖବର କାଗଜ ସମୟର ପ୍ରତିନିଧି ସଂଗ୍ରାମ କେଶୋରୀ ମହାପାତ୍ରଙ୍କର ଅକାଳ ବିୟୋଗରେ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ କୋଣାର୍କ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ମିଡିଆ ଫୋରମ, ଗୋପ ପ୍ରେସ୍ କ୍ଲବ୍, ନିମାପଡା ପ୍ରେସ କ୍ଲବ, କାକଟପୁର ପ୍ରେସ କ୍ଲବ, ଅସ୍ତରଙ୍ଗ ପ୍ରେସ୍ କ୍ଲବ, ପିପିଲି ପ୍ରେସ କ୍ଲବର କର୍ମକର୍ତ୍ତାମାନେ ଯୋଗ ଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭରେ କାର୍ଯ୍ୟରତ ଆଗ ଧାଡିର କରୋନା ଯୋଦ୍ଧା ଦିବଙ୍ଗତ ସଂଗ୍ରାମଙ୍କ ସ୍ମୃତିଚାରଣ କରିବା ସହ ଅମଳିନ ପ୍ରତିଭାର ଗୁଣଗାନ କରିଥିଲେ। କୋଣାର୍କର ପାଣି ପବନ ଓ ସାଂସ୍କୃତିକ ଐତିହ୍ୟର ସ୍ମୃତିକୁ ସାଉଁଟିଥିବା ସାମ୍ବାଦିକ ଦିବଂଗତ ସଂଗ୍ରାମ ଜଣେ ଅମାୟିକ, ମିଷ୍ଟ ଭାଷୀ, ପରୋଉପକାରୀ, ମେଳାପି ସ୍ୱଭାବର ଯୁବ ସାମ୍ବାଦିକ ଥିଲେ। ସଂଗ୍ରାମ ଦୀର୍ଘ ଦିନ ଧରି ସାମ୍ବାଦିକତା ବୃତ୍ତିକୁ ଆପଣାଇ ନିଜର ଏକ ସ୍ୱତନ୍ତ ପରିଚୟ ସୃଷ୍ଟି କରିଥିବା ବେଳେ ସାମ୍ବାଦିକତା ଜୀବନ ମଧ୍ୟରେ କୋଣାର୍କର ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ ହୋଇ ରହିବ ବୋଲି ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇଥିବା ସ୍ମୃତିଚାରଣ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ଆଗଧାଡିର କରୋନା ଯୋଦ୍ଧା ଗଣମାଧ୍ୟମର ପ୍ରତିନିଧିଙ୍କ କଲ୍ୟାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାନାମା ଅନୁଯାଇ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତଭୁକ୍ତ ଥିବା ସଂଗ୍ରାମଙ୍କ ପରିବାରକୁ ତୁରନ୍ତ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ କାର୍ଯ୍ୟରତ ସାମ୍ବାଦିକ ମାନେ ଦାବି କରିଛନ୍ତି। ଏଠାରେ ସୂଚନା ଥାଉକି ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ସଂଗ୍ରାମ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଥିବା ବେଳେ ଗତ ୨୩ ତାରିଖ ରାତି ୧୧ଟା ୨୫ରେ ମୃତ୍ୟୁବରଣ କରିଥିଲେ। ଏହି ଖବର ଏବେବି ସାମ୍ବାଦିକଙ୍କ ମହଲରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## ଅଘୋଷିତ ବିଦ୍ୟୁତ୍ କାଟ ଓ ବିଦ୍ୟୁତ୍ ବିଭ୍ରାଟର ପ୍ରତିକାର ପାଇଁ ଜିଲ୍ଲା କଂଗ୍ରେସର ଦାବି

ରାଉରକେଲା : ଗତ କିଛିଦିନ ଧରି ଯେପରି ଅଘୋଷିତ ବିଦ୍ୟୁତ୍ କାଟ ହେବା ସହିତ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଛି ତାହା ରାଉରକେଲା ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସମ୍ପ୍ରତି ପ୍ରଚଣ୍ଡ ଖରାତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହେଉଥିବା ବେଳେ କରୋନାଜନିତ ଲକ୍‌ଡାଉନ ପାଇଁ ଘରେ ରହୁଥିବା ସାଧାରଣ ଲୋକେ ବିଦ୍ୟୁତ୍ କାଟ ଯୋଗୁ ଛଟ୍‌ପଟ ହେଉଛନ୍ତି। ସ୍ଥାନୀୟ କଳକାରଖାନା ଓ ବ୍ୟବସାୟିକ ସଂସ୍ଥା ମଧ୍ୟ ଏହି ବିଦ୍ୟୁତ୍ କାଟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାର ଓ ବିଦ୍ୟୁତ୍ ନିୟାମକ ଆୟୋଗ ଥରକୁ ଥର ବିଜୁଳି ଶୁଳ୍କ ବୃଦ୍ଧି କରିଚାଲିଥିବା ବେଳେ ଗ୍ରାହକଙ୍କୁ ଉପଯୁକ୍ତ ବିଜୁଳି ସେବା ଯୋଗାଇ ନ ଦେବା ଦୁର୍ଭାଗ୍ୟର ବିଷୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇ ତୁରନ୍ତ ଏହାର ପ୍ରତିକାର ପାଇଁ ରାଉରକେଲା ସର୍କଲ ଅଧିକ୍ଷଣ ଯନ୍ତ୍ରୀ ଇଂ.ଅଚ୍ୟୁତାନନ୍ଦ ମେହେରଙ୍କ ନିକଟରେ ଦାବି କରାଯାଇଛି। ଆଜି ତା-୨.୬.୨୧ ରିଖରେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ପ୍ରତ୍ୟେକ ଦିନ ପ୍ରାୟ ୧୫ରୁ ୨୦ ଥର ବିଦ୍ୟୁତ୍ ବିଭ୍ରାଟ ହେଉଥିବା ବେଳେ ପ୍ରତ୍ୟେହ ସକାଳେ ଓ ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ବିଜୁଳି ସେବା ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଗଛ ଉପୁଡିଯିବା କିମ୍ବା ଗଛ ଡାଳ ଭାଙ୍ଗିପଡିବାରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେଉଛି ବୋଲି ବିଭାଗ ତରଫରୁ ସଫେଇ ଦିଆଯାଉଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବଡ ବଡ ଗଛ ଓ ଡାଳଗୁଡ଼ିକୁ ଜଙ୍ଗଲ ବିଭାଗ ତଥା ଆର୍‌ଏମ୍‌ସି ସହ ସମନ୍ୱୟ ରକ୍ଷା କରି କାହିଁକି କଟାଯାଉ ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରଶ୍ନ କରିଥିଲେ। ଦୈନିକ ବିଦ୍ୟୁତ୍ କାଟ ଓ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେଉଥିବାରୁ ଗ୍ରାହକମାନଙ୍କୁ ସେଥିପାଇଁ କ୍ଷତିପୂରଣ ଦେବା ପାଇଁ କଂଗ୍ରେସ ତରଫରୁ ଏହି ଅବସରରେ ପ୍ରଦତ୍ତ ସ୍ମାରକପତ୍ରରେ ଦାବି କରାଯାଇଛି। ଆହୁରି ମଧ୍ୟ ଛେଣ୍ଡର ତୁଳସୀଟୋଲା ନିକଟରେ ଗତ ୨୦୧୭ ମସିହାରୁ ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩୩/୧୧ କେଭି ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ନ ହେବା ନେଇ କଂଗ୍ରେସ ପ୍ରତିନିଧି ଦଳ ଏହି ଅବସରରେ କ୍ଷୋଭ ପ୍ରକାଶ କରିଥିଲେ। ଉକ୍ତ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ହେଲେ ଛେଣ୍ଡ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସୁଗମ ହୋଇପାରନ୍ତା ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ତେବେ ଅଧିକ୍ଷଣ ଯନ୍ତ୍ରୀ ଇଂ.ମେହେର ଝଡ ତୋଫାନ ପାଇଁ ବିଦ୍ୟୁତ୍ ସେବା ଯୋଗାଣ ବ୍ୟାହତ ହେବା ସହିତ ଆବଶ୍ୟକୀୟ ଲୋକ ଶକ୍ତି ଅଭାବ ଯୋଗୁ ଗ୍ରାହକଙ୍କୁ ଆଶାନୁରୂପ ବିଦ୍ୟୁତେ ସେବା ଯୋଗାଣରେ କିଛିଟା ବ୍ୟତିକ୍ରମ ହେଉଛି ବୋଲି ପ୍ରକାଶ କରି ଖୁବ୍‌ଶୀଘ୍ର ଏ ସମସ୍ୟାର ସମାଧାନ କରାଯିବ ବୋଲି କଂଗ୍ରେସ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଛେଣ୍ଡର ତୁଳସୀଟୋଲା ନିକଟରେ ଅବସ୍ଥିତ ସବ୍‌ଷ୍ଟେସନ ମାସେ ଦୁଇମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଆରମ୍ଭ ହୋଇଛି ଏବଂ ନିଶ୍ଚିତ ଭାବରେ ତାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଏହି ଅବସରରେ ପ୍ରକାଶ କରିଥିଲେ। ଯଦି ସହରର ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଣରେ ଏ ପ୍ରକାର ଅବ୍ୟବସ୍ଥା ଲାଗିରହେ ତେବେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବ ବୋଲି ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ସତର୍କ କରାଇଥିଲେ। ଏହି ପ୍ରତିନିଧି ଦଳରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଇଂ.ଆର୍.ପି. ସିଂହ ପ୍ରମୁଖ ସାମିଲ୍ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ଓଡ଼ିଆ ଭାଷାରେ ବୈଷୟିକ ଶିକ୍ଷା ପ୍ରଚଳନ ଓ ବୈଷୟିକ ଶିକ୍ଷା ବହିକୁ ଓଡ଼ିଆରେ ଅନୁବାଦ ତାଲିକାରୁ ଓଡ଼ିଶା ବାଦ ପଡ଼ିଲା

ଭୁବନେଶ୍ୱର : ୨୦୨୧ ମସିହା ଜାତୀୟ ଶିକ୍ଷାନିତୀ ଅନୁସାରେ ମାତୃଭାଷା ଓ ଆଂଚଳିକ ଭାଷାକୁ ଗୁରୁତ୍ୱ ଦିଆଯାଇ ବିଶ୍ୱ ବିଦ୍ୟାଳୟ ସ୍ତରୀରେ ମାତୃଭାଷାରେ ବୈଷୟିକ ଶିକ୍ଷାର ପ୍ରଚଳନ ପାଇଁ ଏବଂ ବୈଷୟିକ ଶିକ୍ଷାପୁସ୍ତକ ଗୁଡ଼ିକୁ ଗୁଜୁରାଟୀ, ମରାଠୀ, ମହାରାଷ୍ଟ୍ର, ବେଙ୍ଗଲୀ, କନ୍ନଡ଼, ତେଲଗୁ, ତାମିଲ ଓ ମାଲୟମ ଭାଷାରେ ଏ.ଆଇ.ସି.ଟି.ଥ ତରଫରୁ ଘୋଷଣା କରାଯାଇଛଇ।

## ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା



କେନ୍ଦ୍ରାପଡ଼ା : ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୁଲ୍ୟରେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବଟୀଘର ପଞ୍ଚାୟତର ବରକୋଳିଖୋଳା, ବଡଟୁବୀ, ସାନଟୁବୀ, ନିପାଣିଆ ଓ କଜଳପାତିଆ ପ୍ରଭୃତି ଗ୍ରାମର ଦଳିତ ଏବଂ ଅବହେଳିତ ଶ୍ରେଣୀ ପରିବାରର ଲୋକମାନଙ୍କ ମଧ୍ୟରେ କରୋନା ମହାମାରୀ ସଂକ୍ରମଣରୁ ନିଜକୁ ଓ ପରିବାରକୁ ରକ୍ଷା କରି ଦେଶକୁ କରୋନାମୁକ୍ତ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ନୀତି ନିୟମକୁ ମାନି ଚଳିବା ନିମନ୍ତେ ସଚେତନତା କରାଯାଇଥିଲା। ଟ୍ରଷ୍ଟର ବରିଷ୍ଠ ସଭ୍ୟ ଫକିର ଚରଣ ଖଟୁଆ, ମ୍ୟାନେଜିଂ ଟ୍ରଷ୍ଟି ବସନ୍ତ କୁମାର ସେଠୀ ଓ ବିଧୁଭୂଷଣ ମହାପାତ୍ର ପ୍ରମୁଖ ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହ ସାନିଟାଇଜର, ମାସ୍କ ଓ ସାବୁନ ପ୍ରଭୃତି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇ.ଏନ.ଟି.ୟୁ.ସି.ର ବରିଷ୍ଠ କର୍ମକର୍ତ୍ତା ଶଙ୍କର୍ଷଣ ଜେନା, ଅନିଲ କୁମାର ମଣ୍ଡଳ, ଜୟନ୍ତୀ ହାଜ୍ରା ଓ ପଞ୍ଚାନନ ଦାସ ପ୍ରମୁଖ ସହଯୋଗ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray